## ସଂକ୍ଷେପରେ

### ଡାକ୍ତରଙ୍କ ବିଳମ୍ବ ଯୋଗୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

**ପଡିଆ, ୨୦।୩(ଡି.ଏନ୍.ଏ.)-** ମାଲକାନଗିରି ଜିଲା ପଡିଆ ଥାନା ଅନ୍ତର୍ଗତ କାଲଦାପାଲି ପର୍ଜାଛତର ଏମ୍‌ଭି-୬୨ ଗ୍ରାମରେ ଡାକ୍ତରଙ୍କ ବିଳମ୍ବ ଯୋଗୁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ସେହେଲେ ଶିଶିର କୁମାର ମୁଖାର୍ଜୀ (୪୦)। ଏପରି ଦୁଃଖଦ ଘଟଣା ଘଟିଛି କାଲିମେଳା ଚିକିତ୍ସାଳୟରେ । ପରିବାର ଲୋକଙ୍କ କହିବା ଅନୁଯାୟୀ, ଗୁରୁବାର ସାଢେ ୧୧ରେ ଶିଶିରଙ୍କ ଦେହ ହଠାତ୍ ଅସୁସ୍ଥ ହୋଇ ନିଃଶ୍ୱାସ ପ୍ରଶାସ ନେବାରେ କଷ୍ଟ ହୋଇଥିଲା । ତାଙ୍କ ପୁଅ ଋଷିକେଶ ଏବଂ ଭଣଜା ବିଶ୍ୱଜିତ ସଙ୍ଗେ ସଙ୍ଗେ ତାଙ୍କୁ କାଲିମେଳା ଚିକିତ୍ସାଳୟକୁ ନେଇଥିଲେ । ପ୍ରଥମେ ସହାୟତା କେନ୍ଦ୍ରରେ ନାମ ପଞ୍ଜୀକରଣ କରି ଭିତରକୁ ନେଇରୋଗୀଙ୍କୁ ତୁରନ୍ତ ଅକ୍ସିଜେନ ଦେବାକୁ କହିଥିଲେ । କିନ୍ତୁ ଦାୟିତ୍ୱରେ ଥିବା ନର୍ସ ଡାକ୍ତର ଆସ ଦେଖିବା ପରେ ଅକ୍ସିଜେନ ପ୍ରଦାନ କରାଯିବ ବୋଲି କହି ୨୦ ମିନିଟ ପରେ ତାଙ୍କୁ ତଳେ ଏକ ବେଡସିଟ ଦେଇ ରୋଗୀଙ୍କ ରଖିବାକୁ କହିଥିଲେ । ଡାକ୍ତର ୪୦ ମିନିଟ ପରେ ଆସି ୨ଟି ଇଞ୍ଜେକ୍ସନ ଦେବା କିଛି ସମୟ ପରେ ଶିଶିରଙ୍କ ମୃତ୍ୟୁ ହୋଇଯାଇଥିଲା । ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ଲୋକେ ଦାବି କରିଛନ୍ତି ।

### ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

**କୋରୁକୋଣ୍ଡା ୨୦।୩ (ଡି.ଏନ.ଏ)** ମାଲକାନଗିରି ଜିଲା ଓର୍କେଲ ଥାନା ଅନ୍ତର୍ଗତ ବାଲିମେଳା ନଗର ଡ୍ରଗଲାଇନରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିବା ଉଦ୍ୟମ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ତାଙ୍କ ନାମ ସୁରେନ୍ଦ୍ର ମହାରଣା (୪୫)। ଖବରରୁ ଜଣାପଡିଛି ସୁରେନ୍ଦ୍ର ଗତ ୧୯।୭।୨୦୦୮ରେ ସେହି ଅଞ୍ଚଳର ରିତାଞ୍ଜଳି ମହାରଣାଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ଯୌତୁକ ପାଇଁ ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ସେ ଗୁରୁବାର ରାତି ସାଢେ ୧୧ଟାରେ ରିତାଞ୍ଜଳି ମହାରଣାଙ୍କୁ ନିଦରୁ ଉଠାଇ ମାରପିଟ କରିଥିଲେ। ସେ ପୁନର୍ବାର ଶୁକ୍ରବାର ସକାଳେ ମାର ପିଟ କରିବାରୁ ରିତାଞ୍ଜଳି ବାଧ ହୋଇ ଓର୍କେଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା ରୁଜୁ କରି ସୁରେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ଜଗଦୀଶ ବାରା କହିଛନ୍ତି।

### ଘରେ ପଶି ଅଳଙ୍କାର, ସ୍କୁଟି ଲୁଟ୍

**ଖଇରା, ୨୦।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବାଙ୍କିତିରା ଛକର ରାସ୍ତା ପାର୍ଶ୍ୱରେ ଥିବା ମଧୁସୂଦନ ନାୟକଙ୍କ ଘରୁ ଗୁରୁବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଆଇଆଇସି ସୁବ୍ରତ କୁମାର ବେହେରା ତଦନ୍ତ ଆରମ୍ଭ କରିଛନ୍ତି। ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଘର ଗ୍ରୀଲ ଓ କବାଟ ଡାଡି ଘରେ ପଶିଥିଲେ। ପ୍ରଥମେ ମଧୁସୂଦନଙ୍କୁ ଆକ୍ରମଣ କରିବା ପରେ ଅନ୍ୟ ସଦସ୍ୟଙ୍କ ସହ ଏକ ଘରେ ପୂରାଇ ନଗଦ ୫୦ହଜାର, ଏକ ସ୍କୁଟି, ୧୦ଭରିରୁ ଊର୍ଦ୍ଧ୍ୱ ଗହଣା ଲୁଟି ପଳାଇଥିଲେ। ଶୁକ୍ରବାର ସକାଳେ ଘର ଲୋକ ପାଟି କରିବା ପରେ ପଡୋଶୀ କବାଟ ଖୋଲି ତାଙ୍କୁ ଉଦ୍ଧାର କରି ଖଇରା ଥାନାକୁ ଖବର ଦେଇଥିଲେ। ମାମଲା(ନଂ. ୬୨/୨୦) ରୁଜୁ କରାଯାଇଛି।

# ଧାର୍ମିକ ସ୍ଥଳରେ ଗହଳି ନ କରିବା ପାଇଁ ପରାମର୍ଶ

**ମାଲକାନଗିରି,୨୦।୩ (ଡି.ଏନ୍.ଏ)**

ଦିନକୁ ଦିନ ଦେଶ ଓ ରାଜ୍ୟରେ କରୋନା ଭୂତାଣୁ ବ୍ୟାପିବାରେ ଲାଗିଛି। ଏହାକୁ କିପରି ରୋକାଯାଇପାରିବ ସେନେଇ କେନ୍ଦ୍ର ଓ ରାଜ୍ୟସରକାର ବିଭିନ୍ନ ପଦକ୍ଷେପ ନେବା ସହ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଲାଗି ପଡିଛନ୍ତି। ବିଶେଷ କରି ମନ୍ଦିର, ମସଜିଦ୍ ଏବଂ ଗିର୍ଜା ଗୃହରେ ପୂଜାର୍ଚ୍ଚନା ପାଇଁ ଭିଡ ନ କରିବା ପାଇଁ ଜିଲାପାଳ ମନିଷ ଅଗ୍ରୱାଲ ଜିଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଏତଦ୍‌ବ୍ୟତୀତ କୌଣସି ବିଦ୍ୟାଳୟ ଛାତ୍ରୀଛାତ୍ର ବିଦ୍ୟାଳୟ କିମ୍ବା ଘର ବାହାରେ ବେଶି ସମୟ ନ ରହିବା, ଦୈନିକ ୫ରୁ୧୦ ଥର ସାବୁନରେ ହାତ ସଫା କରିବା, ସୁସ୍ଥ ପରିବେଶ ମଧ୍ୟରେ ରହିବା, ଶିଶୁ ମାନଙ୍କୁ ସୁଷମ ଓ ଗରମ ଖାଦ୍ୟ ଦେବା, ବ୍ୟବସାୟ ପ୍ରତିଷ୍ଠାନରେ ଭିଡ ନ କରିବା, ଆବଶ୍ୟକ ସାମଗ୍ରୀ ଖରିଦ କରି ତୁରନ୍ତ ଘରକୁ ଫେରିବା, ସାପ୍ତାହିକ ହାଟ, ସଭା ସମିତି, ବିବାହ, ବ୍ରତ, ଦଶାହ ଓ ଯାତ୍ରାରେ ଗହଳି ନ କରିବା, ପ୍ରତ୍ୟେକ ସଚେତନ ନାଗରିକ କରୋନା ସମ୍ପର୍କରେ ୧୦ଜଣଙ୍କୁ ସଚେତନ କରାଇବା ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ଡାକ୍ତରଖାନାରେ ଜ୍ୱର, ଛିଙ୍କ, କାଶ ଓ କଫ ପଡିବା ବ୍ୟକ୍ତିଙ୍କ ରକ୍ତ ନମୁନା ସଂଗ୍ରହ ଏବଂ ପରୀକ୍ଷାର ବ୍ୟବସ୍ଥା କରାଯାଇଛି। ସେହି ରୋଗୀଙ୍କୁ ୧୪ ଦିନ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାବେ ରଖିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ସ୍ୱତନ୍ତ୍ର ଗୃହର ବ୍ୟବସ୍ଥା ହୋଇଛି। ମାଲକାନଗିରି ସଦର ମହକୁମା ବିଏଡି ମହାବିଦ୍ୟାଳୟ ଓ ପୁରୁଣା ଚିକିତ୍ସାଳୟରେ ୨ଶହ ଶଯ୍ୟାବିଶିଷ୍ଟ ସ୍ୱତନ୍ତ୍ର କକ୍ଷ ପ୍ରସ୍ତୁତ ହୋଇଛି। ରୋଗୀଙ୍କୁ ୧୪ ଦିନ ରଖିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। କୌଣସି ବ୍ୟକ୍ତି ଭୟଭୀତ ନ ହୋଇ ପ୍ରଶାସନକୁ ସହଯୋଗ କରିବା ପାଇଁ ଜିଲାପାଳ କହିଛନ୍ତି। ଶୁକ୍ରବାର ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ତହସିଲଦାର ଡ. ଗୁଣନିଧି ନାୟକ, ସହକାରୀ ଜିଲାପାଳ ଜଗଦୀଶ କାର୍ତ୍ତମୀ ବିଭିନ୍ନ ଅଞ୍ଚଳ ଗସ୍ତ କରି ହୋଇଥିବା ସ୍ୱତନ୍ତ୍ର ଗୃହ ପରିଦର୍ଶନ କରିବା ସହ ସମୀକ୍ଷା କରିଥିଲେ। ପ୍ରତି ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ, ସ୍ଥାନୀୟ ସରପଞ୍ଚ ଓ ଶିକ୍ଷକମାନେ ରୋଗୀଙ୍କ ରହିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରତି ଧ୍ୟାନ ଦେବା ସହ କକ୍ଷଗୁଡିକ ପ୍ରସ୍ତୁତ ପାଇଁ ଲାଗି ପଡିଛନ୍ତି। ଡାକ୍ତରଖାନାରେ ରକ୍ତ ନମୁନା ପରୀକ୍ଷାର ରିପୋର୍ଟ ଆସିବା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଗୃହରେ ରହିବେ। ରୋଗୀଙ୍କ ଭ୍ରାମ୍ୟମାଣ ଡାକ୍ତରୀଦଳ ସ୍ୱାସ୍ଥ୍ୟ ଅବସ୍ଥା ପରୀକ୍ଷା କରିବେ। ସେମାନଙ୍କୁ ପ୍ରଦାନ କରାଯାଉଥିବା ୧୪ ଦିନର ଔଷଧ ସେମାନେ କିପରି ବ୍ୟବହାର କରୁଛନ୍ତି ତାହାର ତଦାରଖ କରିବେ । ଏଥିପାଇଁ ବ୍ଲକ ଏବଂ ଜିଲାସ୍ତରରେ ବିଭିନ୍ନ ସ୍କ୍ୱାଡ ଗଠନ କରା ଯାଇଛି। ଅନ୍ୟପକ୍ଷରେ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାର ସବୁ କାର୍ଯ୍ୟାଳୟରେ ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ କାର୍ଯ୍ୟାଳୟକୁ ଆସି ନ ଥିବା ଦେଖିବାକୁ ମିଳିଛି। ସବୁ ବ୍ଲକ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଜରୁରିକାଳୀନ କକ୍ଷ ଖୋଲାଯାଇଛି। ମାଲକାନଗିରି ଜିଲା ପାଇଁ ୧୦୭୭ ଟେଲିଫୋନ ନମ୍ବରରେ ଯେକେହି କରୋନା ସମ୍ବନ୍ଧୀୟ ସୂଚନା ଦେଇପାରିବେ ବୋଲି ଜିଲାପାଳ ପରାମର୍ଶ ଦେଇଛନ୍ତି।



ଉପଜିଲାପାଳ ବସ୍‌ରେ ତଦାରଖ କରୁଛନ୍ତି।

## କରୋନା ପାଇଁ ଉପଜିଲାପାଳ କଲେ ବସ୍, ବଜାର ତଦାରଖ

**କାଲିମେଳା,୨୦।୩(ଡି.ଏନ.ଏ)**

କରୋନା ଭୂତାଣୁ ସମ୍ପର୍କରେ ଲୋକଙ୍କୁ ଅଧିକ ସଚେତନ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ସାନ୍ଧ୍ୟା ୭ଟାରେ ମାଲକାନଗିରି ଉପଜିଲାପାଳ ରାମେଶ୍ୱର ପ୍ରଧାନ ଅଚାନକ କାଲିମେଳା ବଜାରରେ ଥିବା ହୋଟେଲ,ଜଳଖିଆ ଦୋକାନ,କପଡା ଦୋକାନ ଆଦି ତଦାରଖ କରି ସାନିଟାଇଜର ବ୍ୟବହାର ନେଇ ଲୋକଙ୍କୁ ସଚେତନ କରିଥିଲେ । ଏହି ସମୟରେ କାଲିମେଳା ଦେଇ ହାଇଦ୍ରାବାଦ ଯାଉଥିବା ଘରୋଇ ବସ୍ ଗାଲାକ୍ସିକୁ ଅଟକାଇ ଯାତ୍ରୀଙ୍କ ପାଇଁ କଣ ବ୍ୟବସ୍ଥା କରାଯାଇଛି ତାହା ତଦାରଖ କରିଥିଲେ । ବସ୍‌ରେ ଯାଉଥିବା ଯାତ୍ରୀମାନେ ଅଧିକ ଭିଡ ନ କରିବା, ଯାତ୍ରୀମାନେ ବସରେ ଚଢିବା ପୂର୍ବରୁ ହାତକୁ ଭଲଭାବେ ଧୋଇବା ପାଇଁ ପରାମର୍ଶ ଦେଇଥିଲେ । ଏଥିସହ ଅଟୋ ଚାଳକଙ୍କୁ ମଧ୍ୟ ୨ରୁ ଅଧିକ ଯାତ୍ରୀ ନ ନେବା ପାଇଁ ପରାମର୍ଶ ଦେଇଥିଲେ ।ପରେ ବ୍ଲକ କାର୍ଯ୍ୟାଳୟଠାରୁ ମର୍କେଟ ପର୍ଯ୍ୟନ୍ତ ଥିବା ସମସ୍ତ ଦୋକାନ ପରିଦର୍ଶନ କରି ସମସ୍ତଙ୍କୁ ସାନିଟାଇଜର ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ନିଜେ ଉପଜିଲାପାଳ କିପରି ହାତ ଧୋଇବାକୁ ହୁଏ ସେ ବିଷୟରେ ନିଜେ ହାତ ଧୋଇ ଲୋକଙ୍କୁ ବୁଝାଇଥିଲେ । ନିଜେ ସୁସ୍ଥ ରହିଲେ ଦେଶ ସୁସ୍ଥ ରହିବ,ଜଣେ ଅନ୍ୟ ଜଣକ ଠାରୁ ୩ମିଟର ଦୂରରେ ରହିବା,ଆବଶ୍ୟକ କାର୍ଯ୍ୟ ନ ଥିଲେ ବାହାରକୁ ନ ବାହାରିବା , ଭିଡ ହେଉଥିବା ସ୍ଥାନକୁ ଯିବା ଆସିବା ନ କରିବାପାଇଁ କହିଥିଲେ । ଏହି ସମୟରେ ବିଡିଓ ଉମା ଶଙ୍କର ଦଳାଇ,ତହସିଲଦାର ଅଲୋକ କୁମାର ଅନୁଗୁଳିଆ, ଥାନା ଅଧିକାରୀ ସରୋଜ କୁମାରେ ଝାଙ୍କାରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

## ବନବାସୀଙ୍କୁ କରୋନା ସମ୍ପର୍କରେ ସଚେତନ କରିବାକୁ ପରାମର୍ଶ

**ମାଲକାନଗିରି,୨୦।୩ (ଡି.ଏନ୍.ଏ)**

### ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ମାଲକାନଗିରି ଗସ୍ତ

ଓଡିଶାର ଆମ ଜଙ୍ଗଲ ଯୋଜନାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ. ସୁଦର୍ଶନ ପଣ୍ଡା ୩ଦିନ ମାଲକାନଗିରି ଗସ୍ତରେ ଆସି ବିଭିନ୍ନ ଜଙ୍ଗଲ ଅଞ୍ଚଳ ପରିଦର୍ଶନ କରଛନ୍ତି। ଏହି ଅବସରରେ ସେ ବନ କ୍ଷେତ୍ର କର୍ମଚାରୀଙ୍କୁ ନିଜ କର୍ତ୍ତବ୍ୟ ସହ ବନବାସୀଙ୍କୁ କରୋନା ରୋଗ ସମ୍ପର୍କରେ ସଚେତନ କରାଇବା ପାଇଁ ପରାମର୍ଶ ଦେଇଛନ୍ତି। ପଣ୍ଡା ଗୁରୁବାର ମାଥିଲି ବନାଞ୍ଚଳର ବିଭିନ୍ନ ଜଙ୍ଗଲ ଏବଂ ବୃକ୍ଷରୋପଣ ଅଞ୍ଚଳ ପରିଦର୍ଶନ କରି ଜଙ୍ଗଲ ସୁରକ୍ଷା, ବନ ସଂରକ୍ଷଣ ସମିତିର ଭୂମିକା ଏବଂ ସେସବୁ ଅଞ୍ଚଳରେ ଆମ ଜଙ୍ଗଲ ଯୋଜନାରେ ହୋଇଥିବା ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିଥିଲେ। ପରେ ପଣ୍ଡା ମାଲକାନଗିରି, କାଲିମେଳା, ମୋଟୁ, ବନାଞ୍ଚଳରେଥିବା ବିଭିନ୍ନ ଜଙ୍ଗଲ ପରିଦର୍ଶନ କରି ଆମ ଜଙ୍ଗଲ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ବନ ସଂରକ୍ଷଣ ସମିତିର କର୍ମକର୍ତ୍ତା, ବନ କର୍ମଚାରୀଙ୍କ ସହ ଜଙ୍ଗଲ ଏବଂ ବନ୍ୟଜନ୍ତୁ ନିଆଁ ଦାଉରୁ ରକ୍ଷା, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ, ଅପରାଧୀ ନିୟନ୍ତ୍ରଣରେ ସମିତିଗୁଡିକର ଭୂମିକା ନେଇ ଆଲୋଚନା କରିଥିଲେ । ଅପରାହ୍ନରେ ପଣ୍ଡା ନବରଙ୍ଗପୁର ଜିଲା ଗସ୍ତରେ ଯାଇଛନ୍ତି। ପଣ୍ଡାଙ୍କ ସହ କୋରାପୁଟ ଦେବିଦାସ ମିରାଶେ, ସହକାରୀ ବନ ସଂରକ୍ଷକ ଶ୍ରୀକାନ୍ତ ନାୟକ, ବିଭୂତି ଭୂଷଣ ବେହେରା, ମାଲକାନଗିରି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ, ମାଥିଲି ବନାଞ୍ଚଳ ଅଧିକାରୀ ପର୍ଶୁରାମ ଭୂୟାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଜଙ୍ଗଲ ଅଞ୍ଚଳ ପରିଦର୍ଶନ କରୁଛନ୍ତି ।

## ରବିବାର ଜନତା କର୍ଫ୍ୟୁ ଦିବସ ପାଳିବେ ଲୋକେ

**ମାଲକାନଗିରି,୨୦।୩ (ଡି.ଏନ୍.ଏ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କରୋନା ସମ୍ପର୍କରେ ଦେଶବାସୀଙ୍କୁ ସଚେତନତା ବାର୍ତ୍ତା ଦେବା ସହ ଆସନ୍ତା ରବିବାର ଜନତା କର୍ଫ୍ୟୁ ପାଳନ କରିବା ପାଇଁ ନିବେଦନ କରିଛନ୍ତି । ରବିବାର ସକାଳ ୭ଟାରୁ ରାତି ୯ଟା ପ ର୍ଯ୍ୟନ୍ତ ଆବଶ୍ୟକ ନ ଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦେଇଛନ୍ତି। ଏଭଳି ସଙ୍କଟମୟ ସ୍ଥିତିରେ ଦେଶବାସୀ ଧୈର୍ଯ୍ୟ ଧରି ମୁକାବିଲା ପାଇଁ କହିଛନ୍ତି। ଏହାକୁ ପାଳନ କରିବା ପାଇଁ ମାଲକାନଗିରିରେ ବସବାସ କରୁଥିବା ପରିବାର ବର୍ଗ ସେହିଦିନ ପାଇଁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଖରିଦ କରିବାରେ ଲାଗି ପଡିଛନ୍ତି। ଉକ୍ତଦିନ ସକାଳ ୭ ଟାରୁ ରାତି ୯ଟା ପର୍ଯ୍ୟନ୍ତ କୌଣସି ପରିବାରର କୌଣସି ସଦସ୍ୟ ଘରୁ ବାହାରିବେ ନାହିଁ ବୋଲି ସହରରେ ଆଲୋଚନା ହେଉଛି। ଏହା ଲୋକଙ୍କ ମଙ୍ଗଳ ଏବଂ ରୋଗରୁ ମୁକ୍ତି ପାଇଁ ଏକ ପ୍ରୟାସ। ଏଥିରେ ସମସ୍ତେ ସହଯୋଗ କରିବାକୁ ମତ ପ୍ରକାଶ ପାଉଛି।

## ମହିଳାଙ୍କୁ ନେଇ ହାତଧୁଆ କାର୍ଯ୍ୟକ୍ରମ



ମହିଳାମାନଙ୍କୁ ହାତଧୁଆ କୌଶଳ ଶିଖାଯାଉଛି ।

**ମାଲକାନଗିରି,୨୦।୩ (ଡି.ଏନ୍.ଏ)**

ମାଲକାନଗିରି ଜିଲାରେ ପ୍ରତି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଆଶାକର୍ମୀ, ଅଙ୍ଗନବାଡି କର୍ମୀ ଏବଂ ମହିଳାଙ୍କୁ ନେଇ କରୋନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଖାଦ୍ୟ ଖାଇବା ପୂର୍ବରୁ କିପରି ହାତ ପରିଷ୍କାରକରି ଧୋଇବେ ସେ ନେଇ କର୍ମଚରୀମାନେ ଗ୍ରାମ ଗ୍ରାମ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ମାଲକାନଗିରି ବ୍ଲକ ମାଟାପାକା ପଞ୍ଚାୟତ ସଦର ମହକୁମାରେ ଏକ ସ୍ୱତନ୍ତ୍ର ଗ୍ରାମସଭା କରି ଅଙ୍ଗନୱାଡି କର୍ମୀମାନେ ଘଣ୍ଟ ବଜାଇ ଲୋକଙ୍କୁ ସଚେତନ କରୁଛନ୍ତି। କିପରି କରୋନା ରୋଗରୁ ମୁକ୍ତି ପାଇଁ ଭିନ୍ନ ଭିନ୍ନ ପଦ୍ଧତି ଅବଲମ୍ବନ କରିବେ ଏବଂ ହାତ ସଫା କରିବେ ସେ ସମ୍ପର୍କରେ ହାତଧୁଆ କାର୍ଯ୍ୟକ୍ରମ କରୁଛନ୍ତି। ମହିଳାପୁରୁଷମାନେ ନିଜ ନିଜ ଠାରୁ ୨ମିଟର ଦୂରତା ଅବଲମ୍ବନ କରି ଏହି ସଫେଇ ତାଲିମ ନେଇଥିଲେ। ସରପଞ୍ଚ ବିନାୟକ ମାଡକାମି ଏବଂ ପଞ୍ଚାୟତ ସଂଯୋଜକ ମନୋରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଖଇରପୁଟ ବ୍ଲକ ଗୋବିନ୍ଦପାଲି ପଞ୍ଚାୟତ ଅନ୍ଧାରୀ ଗ୍ରାମରେ ମଧ୍ୟ ୟୁନିସେଫ୍ ସହାୟତାରେ ଜୀବନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଯୋଜିକା ସରତାଜ ବାନୋ ଓ ବାସନ୍ତୀ ପରିଡାଙ୍କ ନେତୃତ୍ୱରେ ଅଙ୍ଗନୱାଡି କେନ୍ଦ୍ରଠାରେ ଗ୍ରାମବାସୀଙ୍କୁ କରୋନା ଭୁତାଣୁ ସମ୍ପର୍କରେ ସଚେତନତା କରାଯାଇ ହାତ ଧୁଆ କୌଶଳ ପ୍ରଦର୍ଶନ କରାଯାଇଥିଲା। ହାତ ଧୁଆର ୬ଟି ନିୟମ ପାଳନ କଲେ କୌଣସି ଭୂତାଣୁ ଶରୀରକୁ ପ୍ରଶେ କରିପାରିବେ ନାହିଁ। ଏହି ଭୁତାଣୁଗୁଡିକ ମୁଖ୍ୟତଃ ମଣିଷ ଶରୀରରେ ନାକ, ଆଖି, କାନ ଏବଂ ପାଟି ଦ୍ୱାରା ପ୍ରବେଶ କରିଥାନ୍ତି। ଏହି ସବୁ ସ୍ଥାନକୁ ବାରମ୍ବାର ହାତ ନ ମାରିବା, ସବୁବେଳେ ପରିଷ୍କାର ରଖିବା, କାଶ ଛିଙ୍କ, ଜ୍ୱର ବାନ୍ତି ସର୍ଦ୍ଦି ଆଦି ହେଲେ ଡାକ୍ତରଙ୍କ ପରାମର୍ଶ କରିବା ପାଇଁ କୁହାଯାଇଥିଲା । ଆଇସିଡିଏସ ସୁପରଭାଇଜର କୁକୁ ରଥ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ଗ୍ରାମର ଯୁବତୀଯୁବକମାନେ ଅଂଶଗ୍ରହଣ କରିଥିଲେ ।

## ବାହାର ରାଜ୍ୟରୁ ଫେରିଥିବା ଶ୍ରମିକଙ୍କ କରାଗଲା ସ୍ୱାସ୍ଥ୍ୟ ପରୀକ୍ଷା

**କୋରୁକୋଣ୍ଡା,୨୦।୩ (ଡି.ଏନ.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଚିତାପାରି-୩, ନିଳାକାମ୍ବେରୁ ଏବଂ ବାଲିମେଳା ସଦରରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଫେରିଥିବା ଶ୍ରମିକଙ୍କ ଶୁକ୍ରବାର କରୋନା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏକ ୫ ଜଣିଆ ଟିମ ଗଠନ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଏହି ଟିମରେ ଓରକେଲ ଥାନା ଏଏସଆଇ ଇପିକେ ଲାକ୍ରା, ଖଗେଶ୍ୱର ପାନ, ବାଲିମେଳା ଏନଏସିର ଧନେଶ୍ୱର ପାଟ୍ଟନିଆ, କୋରୁକୋଣ୍ଡା ଡାକ୍ତର ଅମିତ କୁମାର ସାହୁ, ପ୍ରମୋଦ କୁମାର ପ୍ରଧାନ, ମୁକୁନ୍ଦ ମୁରଲି ପେଣ୍ଟିଆ ଆଦି ରହିଛନ୍ତି। ସେମାନେ ବୁଲି ବୁଲି ଗ୍ରାମକୁ ଫେରିଥିବା ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଚିତାପାରି-୩ ଗ୍ରାମର ପାଖାପାଖି ୧୨ ଜଣ ଶ୍ରମିକ ଆନ୍ଧ୍ରର ଖାମାମ ଜିଲାର ଆଲ୍ଲାପାଲିକୁ କାମ କରିବା ଲାଗି ଯାଇଥିଲେ। ସେମାନେ ଗ୍ରାମକୁ ଫେରିଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ନୂଆଗୁଡା ଗ୍ରାମର ୭ ଜଣ ଶ୍ରମିକଙ୍କ ମଧ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ନିଳାକାମ୍ବେରୁ ନିକଟସ୍ଥ ସୋରଲୁକୋଣ୍ଡା ବ୍ୟାରେଜରେ ହେଉଥିବା ମେଗା ଲିଫ୍ଟ ପ୍ରୋଜେକ୍ଟକୁ କାମ କରିବାକୁ ଯାଇ ମଧ୍ୟପ୍ରଦେଶର ଭୋପାଳରୁ ଫେରିଥିବା ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ଡାକ୍ତର ସୂଚନା ଦେଇଛନ୍ତି।



ବାହାର ରାଜ୍ୟରୁ ଫେରିଥିବା ଜଣେ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

## ବଡ଼ଭାଇଙ୍କୁ ହତ୍ୟା ଉଦ୍ୟମ

**ରୂପସା, ୨୦।୩(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଛାନୁଆ ପଞ୍ଚାୟତ ଅନ୍ତର୍ଗତ ଶିଳଦା ଗ୍ରାମର ବଡ଼ଭାଇ ଦୟାନନ୍ଦ ଦାସଙ୍କୁ ତାଙ୍କ ସାନଭାଇ ସଦାନନ୍ଦ, ତାଙ୍କ ପତ୍ନୀ ଓ ପୁଅ ମିଶି ମରଣାନ୍ତକ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରିଥିବା ବସ୍ତା ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ବୃଦ୍ଧ ଦୟାନନ୍ଦ ସ୍ଥାନୀୟ ସ୍କୁଲ ପୋଖରୀରେ ମାଛ ଚାଷ ନିମନ୍ତେ ୩ବର୍ଷ ପାଇଁ ଲିଜ୍ ସୂତ୍ରରେ ନେଇଥିଲେ। ପୋଖରୀରେ ଏକ ପକ୍କା ଘାଟ ନିର୍ମାଣ ପାଇଁ ସରକାରୀ ଅର୍ଥ ଅନୁମୋଦନ ହେବାରୁ ସେ ପୋଖରୀରୁ ପାଣି ଶୁଖାଉଥିଲେ। ୧୮ ତାରିଖ ରାତିରେ ତାଙ୍କ ସାନଭାଇ ସଦାନନ୍ଦ ପାଣି ଶୁଖାଇ ମାଛ ଧରିବାକୁ ବିରୋଧ କରି ଗଣ୍ଡଗୋଳ କରିଥିଲେ। ଘରେ ଦୟାନନ୍ଦ ଓ ତାଙ୍କ ସ୍ତ୍ରୀଙ୍କୁ ମିଳିତ ଭାବେ ତାଙ୍କ ସାନଭାଇ ଓ ତାଙ୍କ ପୁଅ, ପତ୍ନୀ ମିଶି ଗାଳିଗୁଲଜ କରିଥିଲେ। ଏକ କାଠ ଫାଳିଆରେ ଦୟାନନ୍ଦଙ୍କ ମୁଣ୍ଡରେ ମାଡ଼ ମାରି ରକ୍ତାକ୍ତ କରିଥିଲେ। ଆହତ ଅବସ୍ଥାରେ ତାଙ୍କୁ ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ବସ୍ତା ଥାନାରେ ଲିଖିତ ଅଭିଯୋଗ ହୋଇଛି।


ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

**2 ବର୍ଷିୟ ଓ 3 ବର୍ଷିୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ**

ଓଡ଼ିଶା ରାଜ୍ୟ ସରକାର ସର୍ବମୋଟ୍ ₹2000 କୋଟି ଟଙ୍କା (ଅଙ୍କିତ ମୂଲ୍ୟ) ର ପ୍ରତିଭୂମି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଅଛନ୍ତି।

ଏକାଧିକ ମୂଲ୍ୟ ଫର୍ମାଟ୍ ଅନ୍ତର୍ଗତ ପ୍ରତିଫଳ (yield) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କର କୋର ବ୍ୟାଙ୍କିଂ ସମାଧାନ (ଇ-କୁବେର) ମାଧ୍ୟମରେ 23 ମାର୍ଚ୍ଚ 2020 (ସୋମବାର) ଦିନ ଆୟୋଜନ କରାଯିବ।

ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କର ୱେବ୍‌ସାଇଟ୍ (www.rbi.org.in) ରେ 19 ମାର୍ଚ୍ଚ 2020 (ଗୁରୁବାର) ରେ ପ୍ରକାଶିତ ଆରବିଆଇ ପ୍ରେସ୍ ବିଜ୍ଞପ୍ତି ଦେଖନ୍ତୁ।

"ଇ-ମେଲ୍/ ଏସ୍‌ଏମ୍‌ଏସ୍/ ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମିରେ ପଡ଼ନ୍ତୁ ନାହିଁ।"


# ଶ୍ମଶାନ ଘାଟ ପରିବେଶ ପ୍ରତି ଦୃଷ୍ଟି ଦେଉନି ପ୍ରଶାସନ

**ମାଲକାନଗିରି,୨୦।୩(ଡି.ଏନ୍.ଏ.)**

ପୂର୍ବ କାଳରୁ ପ୍ରତ୍ୟେକ ଗ୍ରାମ ନିକଟରେ ଗୋଚାରଣ ଭୂମି ଏବଂ ଶ୍ମଶାନ ରହିଛି। ଏଥିପାଇଁ ରାଜସ୍ୱ ବିଭାଗ ଜମି ଯୋଗାଇ ଦେଇଛି। ଏହାରି ପଞ୍ଜୀକରଣ ରେକର୍ଡ ସରକାରୀ ଖାତାରେ ଉଲ୍ଲେଖ ରହିଥାଏ। ଫଳରେ ସେହି ସ୍ଥାନ ସମ୍ପୃକ୍ତ ଗ୍ରାମର ଶ୍ମଶାନ ଓ ଗୋଚାରଣ ଭୂମି ବୋଲି ପରିଚିତ ହୋଇଥାଏ। ଗ୍ରାମର କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ସେହି ଶ୍ମଶାନରେ ମୃତଦେହ ସତ୍କାର ହୋଇଥାଏ। ଜ୍ଞାତି କୁଟୁମ୍ବ, ସାହି ଭାଇ ଏବଂ ଗ୍ରାମବାସୀ ମୃତଦେହକୁ ନେଇ ସେଠାରେ ସଂସ୍କାର କରିଥାନ୍ତି। ଦାହ ପରେ ଶ୍ମଶାନରେ ମୃତବ୍ୟକ୍ତିଙ୍କ ବ୍ୟବହୃତ ସାମଗ୍ରୀଠାରୁ ଆରମ୍ଭ କରି ମାଟିହାଣ୍ଡି, ଲୁଗାପଟା, ଖଟ, କୋକେଇ ବାଉଁଶ ଆଦି ଛାଡି ଆସିଥାନ୍ତି। ସରକାର ପ୍ରତ୍ୟେକ ଗ୍ରାମ ଶ୍ମଶାନରେ ମୃତଦେହ ଦାହ ପାଇଁ ସିମେଣ୍ଟ ପିଣ୍ଡି ଏବଂ ସହରାଞ୍ଚଳରେ ଶ୍ମଶାନ ଚାରିପଟେ ପାଚେରି ସହ ଗେଟ୍ କରିଛନ୍ତି। ଗ୍ରାମାଞ୍ଚଳରେ ପିଣ୍ଡି ବ୍ୟତୀତ ପାଚେରି ନାହିଁ ଫଳରେ ଶ୍ମଶାନ ପରିବେଶ ଦିନକୁ ଦିନ ଅପରିଷ୍କାର ହୋଇପଡୁଛି। ମାଲକାନଗିରି ଜିଲାରେ ଗୋବିନ୍ଦପାଲିଠାରୁ ମୋଟୁ, ଗୋବିନ୍ଦପାଲିଠାରୁ ବାଲିମେଳା, ଚିତ୍ରକୋଣ୍ଡା, କାଲିମେଳାଠାରୁ ପଡିଆ, ମାଲକାନଗିରିଠାରୁ ସୁକୁମା ଏବଂ ମାଲକାନଗିରିଠାରୁ ବାଲିମେଳା ରାସ୍ତା ପାର୍ଶ୍ୱରେ ଶତାଧିକ ଶ୍ମଶାନ ରହିଛି। ସବୁ ସ୍ଥାନରେ ଅଧାପୋଡା କାଠ, ଗଦାଗଦା ପାଉଁଶ, ଅଦରକାରୀ ଲୁଗାପଟା, ବାଉଁଶ, ଭଙ୍ଗା ହାଣ୍ଡି ଆଦି ପଡି ରହିଛି। ସଚେତନତା ଅଭାବରୁ ପରିବେଶ ସୁରକ୍ଷା ଲାଗି ଶ୍ମଶାନ ଘାଟ ସଫେଇ ପାଇଁ କେହି ଆଗେଇ ଆସୁନାହାନ୍ତି। ମାଲକାନଗିରିରେ ମାଲକାନଗିରି ସହର ମୁଖ୍ୟ ରାସ୍ତାକୁ ଲାଗି ୨ଟି ଶ୍ମଶାନ ହିନ୍ଦୁ ଏବଂ ଖ୍ରୀଷ୍ଟିଆନମାନଙ୍କ ପାଇଁ ରହିଛି। ଏହା ଚାରିପଟେ ପାଚେରି କରାଯାଇଛି। ମାତ୍ର ଶ୍ମଶାନ ଭିତର ପରିବେଶ ଦେଖିଲେ ମନରେ ଘୃଣା ଆସେ। ତେବେ ଏହାର ସଫେଇ ଦାୟିତ୍ୱ କାହାର ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଦଶାହ ଶୋଭାଯାତ୍ରା, କ୍ରିୟାକର୍ମରେ ଅର୍ଥ ଖର୍ଚ୍ଚ ହେଉଛି । ଶ୍ମଶାନ ପରିବେଶ ସୁଧାରିବାରେ ଆଗାମୀ ଦିନରେ ପରିବେଶବିତ୍, ସାମାଜିକ କର୍ମୀମାନେ ସ୍ୱର ଉତ୍ତୋଳନ କରିବାର ଏବେ ସମୟ ଆସିଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।



ଶ୍ମଶାନରେ ପଡିରହିଥିବା ଆବର୍ଜନା ।


**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 93/2019**

**State Bank of India, SARB, Bhubaneswar** ...Applicant
Versus
**Bikram Keshari Pradhan** ...Defendant(s)

To,
**Bikram Keshari Pradhan,** Plot No.: 58/83 (B), Road No.: 3, Gangotree Nagar, Near Sisupalgarh, Bhubaneswar, Pin- 751002

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 93/2019** in the Court of the Debts of Recovery Tribunal, Cuttack for recovery of **Rs.45,74,219/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **23.04.2020 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **17th day of March 2020.**

Sd/- (M.K. Patnaik)
REGISTRAR

## ସଂକ୍ଷେପରେ

### କରୋନା ସଚେତନତା

କୋଷାଗୁମୁଡ଼ା,୨୦।୩(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୁରୁବାର ବ୍ଲକ୍‌ର ୨୬ ପଞ୍ଚାୟତ କାର୍ଯ୍ୟାଳୟରେ ୱାର୍ଡମେମ୍ବରଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ହାତ ସଫା କିପରି କରିବେ ସେ ନେଇ ଏଠାରେ କର୍ମଚାରୀମାନେ ଶିଖାଇଥିଲେ। ସେହିପରି ଜନପ୍ରତିନିଧିମାନଙ୍କ ହାତ ସଫା କରାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ଗୀତାମଣି ସମରଥ, ଉପାଧ୍ୟକ୍ଷ ପଦ୍ମା ସାଏ ମାଳୀ, ଏମ୍‌ପି ପ୍ରତିନିଧି ଯୋଗେନ୍ଦ୍ର ସ୍ୱାଇଁ, କୋଡିଙ୍ଗା ତହସିଲଦାର, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ୩ ଜୋନ୍‌ର ଜିଲାପରିଷଦ ସଭ୍ୟାସଭ୍ୟ, ଯୁଗଧର ହରିଜନ, ବଳି ଭତ୍ରା, କାମିନୀ ହରିଜନ, କୋଡ଼ିଙ୍ଗା ଆଇଆଇସି, କୋଷାଗୁମୁଡ଼ା ଆଇଆଇସି ଉପସ୍ଥିତ ଥିଲେ। ବିଡିଓ ସତ୍ୟ ନାରାୟଣ ମେହେର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### କୁଆପଥର ବର୍ଷା
### ବଜ୍ରପାତରେ ବଳଦ ମୃତ

ଚନ୍ଦାହାଣ୍ଡି,୨୦।୩(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଅଞ୍ଚଳରେ ଶୁକ୍ରବାର କୁଆପଥର ବର୍ଷା ହୋଇଛି । ପୂର୍ବାହ୍ନରେ ଖରା ହେଉଥିବାବେଳେ ଅପରାହ୍ନ ସାଢ଼େ ଗୋଟାଏ ପରେ ହଠାତ୍ ମେଘ ଘୋଟିଥିଲା। କୁଆପଥର ବର୍ଷା ଅଞ୍ଚଳରେ କଶ୍ମିର୍‌ର ଭ୍ରମ ସୃଷ୍ଟି କରିଥିଲା। ସେହିପରି ବଜ୍ରପାତରେ ପାଟଖଲିଆ ପଞ୍ଚାୟତର ହରିସିଂ ଧୁରୁଆଙ୍କ ଏକ ବଳଦର ମୃତ୍ୟୁ ଘଟିଥିଲା । ସେହିପରି କୁଆପଥର ମାଡ଼ ଯୋଗୁ ବ୍ୟାପକ ଫସଲ କ୍ଷତି ଘଟିଥିବା ଜଣାପଡ଼ିଛି।

### ଦାଦନ ଶ୍ରମିକଙ୍କ ଉପରେ ନଜର ରହୁ

ଚନ୍ଦାହାଣ୍ଡି,୨୦।୩(ଡି.ଏନ୍.ଏ.): ଚନ୍ଦାହାଣ୍ଡି ବ୍ଲକ୍ ସଭାଗୃହରେ ଶୁକ୍ରବାର ବ୍ଲକ୍‌ସ୍ତରୀୟ କରୋନା ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବିଡିଓ ଧର୍ମରାଜ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ଜିପିଇଓ ସୁରେନ୍ଦ୍ର ମହାନ୍ତି ପରିଚାଳନା କରିଥିଲେ। ସମସ୍ତେ ସଚେତନ ହେଲେ ଏହି ଭୂତାଣୁ କବଳରୁ ନିଜକୁ ରକ୍ଷା କରିପାରିବା ବୋଲି ଏଠାରେ ଆଲୋଚନା କରାଯାଇଥିଲା। ବିଶେଷକରି ବାହାର ରାଜ୍ୟକୁ ଯାଇଥିବା ଦାଦନ ଶ୍ରମିକଙ୍କ ଉପରେ ନଜର ରଖିବା, ବାହାରକୁ ଯିବା ସମୟରେ ମାସ୍କ ବ୍ୟବହାର କରିବା , ହାତ ଧୋଇବା ଏବଂ ଗୁଜବକୁ ବିଶ୍ୱାସ ନ କରିବା ପାଇଁ ସଚେତନ କରାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ବ୍ଲକ୍ ଅଧ୍ୟକ୍ଷ ଟିକମ ସିଂ ନାୟକ,ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଏମ୍‌ପି ପ୍ରତିନିଧି ପ୍ରମୋଦ ପାଢ଼ୀ, ତହସିଲଦାର ହୃଦାନନ୍ଦ ସିଂ ମାଝି, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଲାଇନ୍ ବିଭାଗର କର୍ମଚାରୀ ରାଜନୈତିକ ଦଳର ପ୍ରତିନିଧି ଓ ଖବରଦାତାମାନେ ଯୋଗଦେଇଥିଲେ।

# ଜିଲା ଡାକ୍ତରଖାନାରେ ଆଇସୋଲେଶନ ୱାର୍ଡ

## ଧର୍ମାନୁଷ୍ଠାନ ସଦସ୍ୟଙ୍କୁ ନେଇ ପ୍ରଶାସନର ବୈଠକ


ବୈଠକରେ ଜିଲାପାଳ, ଏସ୍‌ପି, ଓ ଧର୍ମାନୁଷ୍ଠାନର ସଦସ୍ୟମାନେ।

■ନବରଙ୍ଗପୁର କରୋନାକୁ ନେଇ ବ୍ୟାପକ ସଚେତନତା
■ମନ୍ଦିର, ମସଜିଦ୍, ଗିର୍ଜାରେ ନୀତି ଜାରି ରହିବ

ନବରଙ୍ଗପୁର,୨୦।୩(ବି.ପ୍ର.)

ସମଗ୍ର ଦେଶରେ କରୋନା ଭୟ। ରାଜ୍ୟ ସରକାର ଏହାକୁ ବିପର୍ଯ୍ୟୟଭାବେ ଘୋଷଣା କରିଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ଏ ନେଇ ବିଭିନ୍ନ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲାର ୧୪ଲକ୍ଷ ଜନସାଧାରଣ କିଭଳି ମାରାତ୍ମକ ଭୂତାଣୁ କବଳରୁ ସୁରକ୍ଷିତ ରଖିବା ପାଇଁ ଜିଲାପାଳ ଡ. ଅଜିତ କୁମାର ମିଶ୍ର ଓ ଏସ୍‌ପି ନିତିନ କୁସଲ୍‌କରଙ୍କ ନେତୃତ୍ୱରେ ଜିଲାର ୧୦ବ୍ଲକ୍, ୨ ପୌରପାଳିକା, ୧୮୯ ପଞ୍ଚାୟତରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଲୋକଙ୍କୁ ସଚେତନ କରାଯାଉଛି। ଏଥିସହ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି । ଜିଲା ସଦର ଡାକ୍ତରଖାନାରେ ଆଇସୋଲେଶନ୍ ୱାର୍ଡ ଗଠନ କରାଯାଇଥିବାବେଳେ ଏଥିରେ ୧୦ ଶଯ୍ୟା ରହିଥିବା ସୂଚନା ମିଳିଛି। ଶୁକ୍ରବାର ନବରଙ୍ଗପୁର ପୌରପାଳିକା ସମ୍ମିଳନୀ ଗୃହରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ଏଥିରେ ନବରଙ୍ଗପୁର ସହରର ସମସ୍ତ ଧାର୍ମିକ ଅନୁଷ୍ଠାନର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମାର୍ଚ୍ଚ ୨୦ରୁ ଏପ୍ରିଲ୍ ୧ ପର୍ଯ୍ୟନ୍ତ ସମସ୍ତ ଧର୍ମ ଅନୁଷ୍ଠାନ ବନ୍ଦ ରହିବ। ତେବେ ସମସ୍ତ ଦେବନୀତି, ନମାଜ ପାଠ ଓ ଉପାସନା ପୂଜକ, ଧର୍ମଗୁରୁ ଓ ଉପାସକଙ୍କ ଦ୍ୱାରା ଯଥାରୀତି ଅନୁଷ୍ଠିତ ହେବ ବୋଲି ନିର୍ଦ୍ଦେଶ ଦିଆଯାଇଛି। କରୋନା ମୁକାବିଲା ପାଇଁ ସଚେତନତା ଜରୁରୀ। ତେଣୁ ପରିସ୍କାର, ପରିଚ୍ଛନ୍ନତା ସହ କଥାବାର୍ତ୍ତା ସମୟରେ ଦୂରତ୍ୱ ରଖିବାକୁ କୁହାଯାଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏ ସମୟରେ ବିବାହ, ବ୍ରତ, ସଭା-ସମିତି, ଶୋଭାଯାତ୍ରା, ଜନସମାଗମ, ଯାତ୍ରା ଆଦି ନ କରିବା ପାଇଁ ଜିଲାପାଳ କହିଛନ୍ତି। ଏସ୍‌ପି କୁସଲକର କରୋନା ସଂକ୍ରମଣରୁ କିଭଳି ଦୂରେଇ ରହିବା ସେ ନେଇ ବୁଝାଇଥିଲେ। ଦେଶ ଓ ରାଜ୍ୟ ବାହାରୁ ଆସୁଥିବା ବ୍ୟକ୍ତିଙ୍କ ଉପରେ ପ୍ରଶାସନର ଦୃଷ୍ଟି ରହିଛି ବୋଲି ଏଠାରେ କୁହାଯାଇଛି। ସେହିପରି ରବିବାର ନବରଙ୍ଗପୁରରେ ଦୋକାନ, ବଜାର ବନ୍ଦ ରଖିବା ପାଇଁ ବଣିକ ସଂଘ ନିଜ ପକ୍ଷରୁ ସହମତି ପ୍ରକାଶ କରିଛି। ବୈଠକରେ ଉପଜିଲାପାଳ ଭାସ୍କର ରଇତ, ଡିଆଇପିଆର୍‌ଓ ହଳଧର ନିଆଲ, ପୌର ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ, ଆଇଆଇସି ତାରିକ୍ ଅହମ୍ମଦଙ୍କ ସମେତ ସହରର ବିଭିନ୍ନ ମନ୍ଦିରର ପରିଚାଳନା କମିଟି, ପୂଜକ, ପାଷ୍ଟର, ମସଜିଦ କମିଟି ଓ ବଣିକ ସଂଘର ସଦସ୍ୟ ଉପସ୍ଥିତ ଥିଲେ।

## କରୋନା ମୁକାବିଲା ପାଇଁ ଲୋଡ଼ିଲା ସହଯୋଗ

ଉମରକୋଟ,୨୦।୩(ଡି.ଏନ୍.ଏ.)

ଉମରକୋଟ ପୌରାଞ୍ଚଳ କାର୍ଯ୍ୟାଳୟରେ ବିଭିନ୍ନ ଧର୍ମ ଅନୁଷ୍ଠାନର ମୁଖ୍ୟଙ୍କୁ ନେଇ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ଡ. ଅଜିତ୍ ମିଶ୍ର ବୈଠକରେ ଅଧ୍ୟକ୍ଷତା କରି ଭିଡ଼ ନିୟନ୍ତ୍ରଣ କରିବାକୁ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ଜିଲାର ଅଧିକାଂଶ ମନ୍ଦିର, ମସଜିଦ୍ ଓ ଗିର୍ଜାରେ ମୁଖ୍ୟଙ୍କ ଦ୍ୱାରା ଦେବନୀତି, ନମାଜ ପାଠ ଓ ଉପାସନା ପରେ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କରୋନାକୁ ମିଳିତ ଭାବେ ମୁକାବିଲା କରିବାକୁ ଅନୁଷ୍ଠାନର ମୁଖ୍ୟମାନେ ବୈଠକରେ ସହମତି ପ୍ରକାଶ କରିଛନ୍ତି। ପ୍ରଶାସନର ପରାମର୍ଶ ଅନୁଯାୟୀ ଲୋକଙ୍କୁ ସଚେତନ କରାଇବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ଜିଲାପାଳ ଡ. ମିଶ୍ର, ଉପଜିଲାପାଳ ଭାସ୍କର ରଇତ, ନବରଙ୍ଗପୁର ଏସ୍‌ପି, ଉମରକୋଟ ତହସିଲଦାର ହିମାଞ୍ଚଳ ମାଝି, ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ଉପେନ୍ଦ୍ର ଦୀପ, ଆଇଆଇସି ଉମେଶ ସାହୁ, ବରିଷ୍ଠ ଆଇନଜୀବୀ ବାବୁଲା ସାନ୍ତା ଉପସ୍ଥିତ ଥିଲେ। ସେହିପରି ଜଗନ୍ନାଥ ମନ୍ଦିର ଦେବୋତ୍ତର କମିଟିର ଉପସଭାପତି ଜୟଦେବ କୁମାର ପରିଡା, ପୂଜକ ଗୌରହରି ମିଶ୍ର, ପୂଜକ ଲାଲୁ ମିଶ୍ର ଏବଂ ଏହି କମିଟିର ସଭ୍ୟ ପି. ରାବଣା ରାଓ, ବିଘ୍ନରାଜ ସାନ୍ତ୍ରା, ଶାନ୍ତନୁ ସିଂ ଏବଂ ରୁମିତ କୁମାର ସାନ୍ତ୍ରା, ବିଭିନ୍ନ ମନ୍ଦିରର ପୂଜକ, କମିଟିର ସଭାପତି ଜଟେଶ୍ୱର ପଣ୍ଡା, ସମ୍ପାଦକ ଅଶୋକ କୁମାର ସାହୁ, ମଙ୍ଗଳାମନ୍ଦିର କମିଟିର ସଭାପତି ବିଶ୍ୱନାଥ ପ୍ରତାପ ସିଂ, ଗିର୍ଜାର ସଭାପତି ଫିରୋଜ ନାଗ, ମସଜିଦର ସଲିମ ରାଠୋର୍‌ଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି କରୋନା ମୁକାବିଲାରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



## ନିଜକୁ ପରିଷ୍କାର ରଖନ୍ତୁ, ଭିଡ଼ରୁ ଦୂରେଇ ରୁହନ୍ତୁ

ଡାବୁଗାଁ,୨୦।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷରେ ଶୁକ୍ରବାର କାରୋନାକୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷ ବଂଶୀଧର ମାଝି ଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ୨ରେ ପହଞ୍ଚିଛି। ତେଣୁ ନିଜକୁ ପରିସ୍କାର ରଖିବା, କଥାବାର୍ତ୍ତା ସମୟରେ ଦୂରତ୍ୱ ରଖିବା, ଜନସମାଗମ ଓ ସଭା ସମିତିରୁ ଦୂରେଇ ରହିବା ଏବଂ କରୋନା ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବାକୁ ଏଠାରେ ସଚେତନ କରାଯାଇଛି। ବୈଠକରେ ବିଡିଓ ରଞ୍ଜିତା ମେରୀ ନାୟକ, ତହସିଲଦାର ସୁବାଷ ଚନ୍ଦ୍ର ସିଂ, ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭରପ୍ରାପ୍ତ ଚିକିତ୍ସାଧିକାରୀ ଚିନ୍ମୟ ବଳ, ସିଡିପିଓ ଯମୁନା ଭତ୍ରା, ବ୍ଲକ୍ ଉପାଧ୍ୟକ୍ଷା ସୁଷମା ବିଶୋୟୀ, ସାଂସଦ ପ୍ରତିନିଧି ଏମ୍. ଆପ୍ପାରାଓ, ଜିଲା ପରିଷଦ ସଭ୍ୟା ମାଳତୀ ମାଝି, ପୋଲିସ୍ ଏସ୍‌ଆଇ ମାନସ ରଞ୍ଜନ ନାୟକ, ସହକାରୀ ଯନ୍ତ୍ରୀ ବିଜୟ ସିଂ, ସହକାରୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନୀ, ସହକାରୀ ଉଦ୍ୟାନ ଅଧିକାରୀ ଜି. ରଶ୍ମିରେଖା, ଏବିଇଓ ଅଞ୍ଜଳି ବିଶ୍ୱାସ, ଜନସ୍ୱାସ୍ଥ୍ୟ ସଂମ୍ପ୍ରସାରଣ ଅଧିକାରୀ ଜଗୁ ପୂଜାରୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ କର୍ମଜିତ୍ ଦାଶ, ବ୍ଲକ୍ କନିଷ୍ଠ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଦାଶ, ସୁବାଷ ଚନ୍ଦ୍ର ଖାଡ଼ଙ୍ଗା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ. ଡି. ପ୍ରସାଦ, ଅଙ୍ଗନୱାଡି ସୁପରଭାଇଜର ପ୍ରଣମିତା ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ଦାଶ, ବିମଳା ନାୟକ, ରୋଜାଲିନ୍ ପ୍ରଧାନ, କୁନ୍‌ମୁନ୍ ସେନାପତି ଏବଂ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ହିତାଧିକାରୀଙ୍କୁ ମିଳିବ ୪ମାସର ଭତ୍ତା

ଝରିଗାଁ,୨୦।୩(ସ୍ୱ.ପ୍ର)


ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଭାରତରେ କରୋନା ଭୂତାଣୁ କାୟା ବିସ୍ତାର କରିବାରେ ଲାଗିଛି। ତେଣୁ ଏହାର ମୁକାବିଲା ପାଇଁ ସରକାର ଅନେକ ଆଗୁଆ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାକୁ ନେଇ ଶୁକ୍ରବାର ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧୁରୁଆଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପ୍ରୋଗ୍ରାମ୍ ଅଫିସର୍ ତଥା ଝରିଗାଁ ବ୍ଲକ୍ ନୋଡାଲ୍ ଅଧିକାରୀ ରାଜେଶ କୁମାର ପଟ୍ଟନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରମୁଲା ଗଣ୍ଡ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ଏବିଡିଓ ପ୍ରଫୁଲ୍ଲ କୁମାର କହଁର, ଜିପିଇଓ ସଦାଶିବ ସାହୁ, ପ୍ରଦୀପ କୁମାର ପଟ୍ଟନାୟକଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲାପରିଷଦ ସଭ୍ୟ ଏବଂ ବ୍ଲକ୍‌ର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ପ୍ରତ୍ୟେକ ପଞ୍ଚାୟତରେ ଲୋକ କିପରି ସଚେତନ ହୋଇପାରିବେ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ସେହିପରି ବାହାର ରାଜ୍ୟକୁ କାମ କରିବାକୁ ଯାଇଥିବା ଲୋକେ ଯଦି ଗାଁକୁ ଆସୁଛନ୍ତି, ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ କରୋନା ପରିସ୍ଥିତିକୁ ନଜରରେ ରଖି ହିତାଧିକାରୀଙ୍କୁ ୪ ମାସ ପାଇଁ ଏକକାଳୀନ ଭତ୍ତା ଦିଆଯିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ତେଣୁ ମଧୁବାବୁ ପେନ୍‌ସନ ଯୋଜନା ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅନ୍ତର୍ଗତ ଯୋଜନାରେ ପ୍ରଦାନ କରାଯାଉଥିବା ମାସିକ ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା ଏବଂ ବାର୍ଦ୍ଧକ୍ୟ ଭତ୍ତା ଆଦି ମାର୍ଚ୍ଚ ୨୨ ଓ ୨୩ରେ ହିତାଧିକାରୀଙ୍କ ଘରକୁ ଯାଇ ଦିଆଯିବ। ଏଥିସହ ହିତାଧିକାରୀଙ୍କୁ ଆଗୁଆ ୩ ମାସ ପାଇଁ ଏକକାଳୀନ ଚାଉଳ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

## ୨୫ରୁ ସମସ୍ତ ଆଶ୍ରମ ବିଦ୍ୟାଳୟ ଛୁଟି

ନବରଙ୍ଗପୁର,୨୦।୩( ବି.ପ୍ର.)

କରୋନା ମୁକାବିଲା ପାଇଁ ନବରଙ୍ଗପୁର ଜିଲାର ସମସ୍ତ ଅନୁସୂଚିତ ଜାତି ଓ ଜନଜାତି(ମଙ୍ଗଳ)ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟ, ଅନ୍ୱେଷା ବିଦ୍ୟାଳୟ ଓ ହଷ୍ଟେଲ ମାର୍ଚ୍ଚ ୨୫ରୁ ଜୁନ୍ ୧୬ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। ତେଣୁ ଏଠାରେ ରହୁଥିବା ଅନ୍ତେବାସୀ ଛାତ୍ରୀଛାତ୍ରଙ୍କୁ ଘରକୁ ଫେରିଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ପ୍ରମୁଖ ସଚିବ ଶୁକ୍ରବାର ଏ ନେଇ ଚିଠି ମାଧ୍ୟମରେ ସମସ୍ତ ଜିଲାପାଳଙ୍କୁ ଚିଠି କରିଛନ୍ତି। ସେହିପରି ୩ ମାସର ମେସ୍ ଖର୍ଚ୍ଚ ବାବଦକୁ ମାସିକ ୭୫୦ ଟଙ୍କା ହିସାବରେ ଛାତ୍ରଙ୍କୁ ୨୨୫୦ ଟଙ୍କା ଏବଂ ଛାତ୍ରୀମାନଙ୍କୁ ୨୪୦୦ ଟଙ୍କା ସେମାନଙ୍କ ଅଭିଭାବକଙ୍କୁ ପ୍ରଦାନ ପାଇଁ ନିର୍ଦ୍ଦେଶ ରହିଛି। ପିଲାମାନଙ୍କୁ ଆଶ୍ରମ(ହଷ୍ଟେଲ)ରୁ ନେବା ସମୟରେ କୋଭିଡ୍-୧୯ ସଂକ୍ରମଣରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ସଚେତନ ରହିବାକୁ ବିଦ୍ୟାଳୟ ପକ୍ଷରୁ ଅଭିଭାବକଙ୍କୁ ପ୍ରଚାର ପତ୍ର ଦିଆଯିବ। ତେବେ ଛାତ୍ରୀଛାତ୍ରଙ୍କ ନାମଲେଖା ପ୍ରକ୍ରିୟା ଜାରି ରହିବ। ତେଣୁ ଶିକ୍ଷକମାନେ ରୋଷ୍ଟର୍ ଡ୍ୟୁଟି କରିବେ ବୋଲି ନିର୍ଦ୍ଦେଶ ରହିଛି।

## ଆଜି ସାପ୍ତାହିକ ହାଟ ବନ୍ଦ

ପାପଡ଼ାହାଣ୍ଡି,୨୦।୩(ଡି.ଏନ୍.ଏ.): କରୋନାକୁ ଦୃଷ୍ଟିରେ ରଖି ଭିଡ଼ ନିୟନ୍ତ୍ରଣ ପାଇଁ ଶନିବାର ହେବାକୁ ଥିବା ସାପ୍ତାହିକ ହାଟକୁ ବନ୍ଦ ରଖିବାକୁ ପାପଡ଼ାହାଣ୍ଡି ପୋଲିସ ଲୋକଙ୍କୁ ସଚେତନ କରିଛି। ଏଥିପାଇଁ ଲୋକଙ୍କ ସହଯୋଗ ଲୋଡ଼ିଛି ପୋଲିସ।

# ସୁସ୍ଥ ଅଛି ଜଙ୍ଗଲରୁ ଉଦ୍ଧାର ଶିଶୁ

## ମିଳୁନି ମା'ବାପାଙ୍କ ପରିଚୟ

ଡାବୁଗାଁ,୨୦।୩(ଡି.ଏନ୍.ଏ.):



ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ବଡଓଲମା ଜଙ୍ଗଲରୁ ଉଦ୍ଧାର କରାଯାଇଥିବା ଶିଶୁପୁତ୍ର ଏବେ ସୁସ୍ଥଥିବା ଜଣାପଡ଼ିଛି। ଗାଁର ମଦନ ହରିଜନ ଓ ତାଙ୍କ ସ୍ତ୍ରୀ ଗତ ଫେବୃୟାରୀ ୩ରେ ଶୁଖିଲା କାଠ ଆଣିବା ପାଇଁ ଜଙ୍ଗଲକୁ ଯାଇଥିବାବେଳେ ଏକ ନବଜାତ ଶିଶୁପୁତ୍ର କାନ୍ଦୁଥିବା ଶୁଣିବାକୁ ପାଇଥିଲେ। ତେବେ ବହୁ ଖୋଜାଖୋଜି କରିବା ପରେ ନିକଟରେ କାହାକୁ ନ ପାଇ ଶିଶଟିକୁ ଉଦ୍ଧାର କରି ଘରକୁ ନେଇ ଆସିଥିଲେ। କେହି ମହିଳା ଶିଶୁଟିକୁ ଜନ୍ମଦେବା ପରେ ସେଠାରେ ଛାଡ଼ି ଚାଲିଯାଇଥିବା ଅନୁମାନ କରି ଦମ୍ପତି ଶିଶୁଟିର ଯତ୍ନ ନେଉଛନ୍ତି। ନିଜର ୫ଝିଅ ଥିବାବେଳେ ଶିଶୁପୁତ୍ରଟିକୁ ପୁଅ ରୂପେ ଗ୍ରହଣ କରିବାକୁ ଦମ୍ପତି ନିଷ୍ପତ୍ତି ନେଇଥିଲେ। ଫଳରେ ଡାବୁଗାଁ ମେଡିକାଲକୁ ଶିଶୁର ଜନ୍ମ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ପ୍ରମାଣପତ୍ର ମିଳିଲେ ଶିଶୁଟିର ଚିକିତ୍ସା ପାଇଁ ସରକାରୀ ସହାୟତା ମିଳିବ ବୋଲି ଆଶା ରଖିଥିଲେ। ହେଲେ ତାହା ସଫଳ ହେଲାନି। ଶିଶୁଟି ଏ ସବୁ ସୁବିଧାରୁ ବଞ୍ଚିତ ହେଉଥିବାରୁ ଦମ୍ପତି ଡାବୁଗାଁ ଥାନାରେ ଲିଖିତଭାବେ ଜଣାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ଗ୍ରାମରେ ଛୁଆକୁ ଟୀକା ଦେବାକୁ ନେଇଥିବାବେଳେ ମା' ବାପାଙ୍କ ପରିଚୟ ମାଗିଥିଲେ। ତେବେ ପରିଚୟ ନ ପାଇ ସ୍ୱାସ୍ଥ୍ୟକର୍ମୀ ଏବଂ ତାଙ୍କ ସହଯୋଗୀ ଡାବୁଗାଁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସିଡ଼ିପିଓ ଏବଂ ଜିଲା ଶିଶୁ ସୁରକ୍ଷା ବିଭାଗକୁ ସୂଚନା ଦେଇଥିଲେ। ଫଳରେ ନବରଙ୍ଗପୁରରୁ ଅଧିକାରୀମାନେ ଆସି ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏବେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଭଲଥିବା ଜଣାପଡ଼ିଛି। ତେବେ ମାସେ ହେଲା ଶିଶୁଟିକୁ ମଦନ ଏବଂ ତାଙ୍କ ସ୍ତ୍ରୀ ଅତି ଯତ୍ନରେ ରଖିଥିବା ଗ୍ରାମବାସୀ କହିଛନ୍ତି। ତେଣୁ ଶିଶୁର ଲାଳନପାଳନ ଦାୟିତ୍ୱ ସରକାରୀ ପ୍ରକ୍ରିୟା ଅନୁଯାୟୀ ତାଙ୍କୁ ଦିଆଯାଉ ବୋଲି ସେମାନେ ଅନୁରୋଧ କରିଛନ୍ତି। ତେବେ ଶିଶୁଟିର ପ୍ରକୃତ ମା' ବାପା କିଏ ଏବଂ କାହିଁକି ଏପରି ଅବସ୍ଥାରେ ଜଙ୍ଗଲରେ ଛାଡ଼ି ଚାଲିଗଲେ, ସେ ବିଷୟରେ କୌଣସି ସୂଚନା ମିଳିପାରିନାହିଁ। ସେହିପରି ନବଜାତ ଶିଶୁର ସ୍ୱାସ୍ଥ୍ୟ ବିଷୟରେ ଜାଣିବା ପାଇଁ ଡାବୁଗାଁ ସିଡ଼ିପିଓ ଯମୁନା ଭତ୍ରା, ସୁପର୍‌ଭାଇଜର ଏବଂ ଅଙ୍ଗନୱାଡି କର୍ମୀ ପହଞ୍ଚିଥିଲେ। ଶିଶୁର ସ୍ୱାସ୍ଥ୍ୟ ଭଲ ଥିବା ଏବଂ ଦମ୍ପତି ନିଜ ପୁଅ ଭଳି ଲାଳନପାଳନ କରୁଥିବା ସିଡିପିଓ କହିଛନ୍ତି।


ବିଧାୟକଙ୍କ ସହ ଅନ୍ୟମାନେ ମାସ୍କ ପିନ୍ଧିଛନ୍ତି।

## ଲୋକଙ୍କୁ ମାସ୍କ ବାଣ୍ଟିଲେ ବିଧାୟକ

ପାପଡାହାଣ୍ଡି,୨୦।୩(ଡି.ଏନ୍.ଏ.)

ସାରା ବିଶ୍ୱରେ ଏବେ କରୋନା ଭୟ। ଏଥିରୁ ବଞ୍ଚିବାର ଉପାୟ ହେଉଛି ସଚେତନତା। ଏହା ମଧ୍ୟରେ ଲୋକଙ୍କୁ ସଚେତନ କରାଇବା ସହ ମାସ୍କ ବାଣ୍ଟିଛନ୍ତି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ। ଶୁକ୍ରବାର ପାପଡାହାଣ୍ଡି ଓ ମାଝୀଗୁଡାରେ ପହଞ୍ଚି ଲୋକମାନଙ୍କୁ କରୋନାର ଲକ୍ଷଣ ସମ୍ପର୍କରେ ଅଗତ କରାଇଥିଲେ। ଯେ ହେତୁ ଏହା ମହାମାରୀରୁ ବଞ୍ଚିବାକୁ ସମସ୍ତେ ମାସ୍କ ପିନ୍ଧିବା, ହାତ କୁ ଭଲ ଭାବେ ଧୋଇବା, ଥଣ୍ଡା, କାଶ, ଜ୍ୱର ହେଲେ ଡାକ୍ତରଙ୍କ ପରାମର୍ଶ ନେବାକୁ ସେ ଲୋକମାନଙ୍କୁ ବୁଝାଇଥିଲେ। ଏଥିସହ ଉପସ୍ଥିତ ଲୋକଙ୍କ ହାତ ଧୋଇବା ସହ ସେମାନଙ୍କୁ ମାସ୍କ ବାଣ୍ଟି ଥିଲେ। ପ୍ରକାଶ ଯେ, ଜନ ହିତକର କାମ ପାଇଁ ବିଧାୟକ ସବୁବେଳେ ଆଗରେ। ମହିଳାଙ୍କୁ ପଲିଥିନ, ଅସହାୟଙ୍କ ମୃତଦେହକୁ କାନ୍ଧ ଦେବା ଭଳି ଜନହିତକର କାମ କରି ବିଧାୟକ ସବୁବେଳେ ଚର୍ଚ୍ଚାରେ ରହୁଛନ୍ତି। ତାଙ୍କ ଏହି ଜନହିତକର କାମକୁ ଲୋକମାନେ ପ୍ରଶଂସା କରିଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ମାସ୍କ ବଣ୍ଟନ ଉପରେ ଗୁରୁତ୍ୱ

ପାପଡାହାଣ୍ଡି,୨୦।୩,(ଡି.ଏନ୍.ଏ.)

**ରୋଗୀ କଲ୍ୟାଣ ସମିତି ବୈଠକ**
■ଡାକ୍ତରଖାନାରେ ଆବଶ୍ୟକ ମାସ୍କ ଗଚ୍ଛିତ ରଖ
■ଗ୍ରାମାଞ୍ଚଳରେ ସଚେତନତା ଜୋରଦାର କରିବାକୁ ପରାମର୍ଶ

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡା. ପ୍ରିୟରଞ୍ଜନ ବାହାଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିପିଏମ୍ ନିବେଦିତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିତେନ୍ଦ୍ର ପାତ୍ର ପୂର୍ବ ବିବରଣୀ ପାଠ କରିଥିଲେ। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଥମେ କୋଭିଡ୍-୧୯ ରୁ ରକ୍ଷା ପାଇବାକୁ ଦୁର୍ଗମ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ପାପଡାହାଣ୍ଡିର ବିଭିନ୍ନ ସ୍ଥାନରେ ନାଳ ନର୍ଦ୍ଦମାରେ ବ୍ଲିଚିଂ ପାଉଡର ପକେଇବା ପାଇଁ କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଥଣ୍ଡା ରୋଗୀଙ୍କୁ ମାସ୍କ ଯୋଗାଇଦେବାକୁ ଗୁରୁତ୍ୱ ଦିଆଯାଇଛି। ପର୍ଯ୍ୟାପ୍ତ ପରିମାଣରେ ମାସ୍କ ରଖିବା ପାଇଁ ସେ କହିଥିଲେ। ଆରକେଏସ୍ ଟଙ୍କାରେ ମେଡିକାଲ ପରିବେଶକୁ ସୁନ୍ଦର କରିବା ପାଇଁ ଡା. ବାହାଲି ପ୍ରସ୍ତାବ ଦେଇଥିଲେ। ପାପଡାହାଣ୍ଡି ମେଡିକାଲରେ ନୂତନ ଅଲଟ୍ରାସାଉଣ୍ଡ ମେଶିନ କାର୍ଯ୍ୟକ୍ଷମ କରିବା କାର୍ଯ୍ୟକ୍ରମ ରହିଥିଲା। କୌଣସି କାର୍ଯ୍ୟକ୍ରମ କରାଯାଇ ପାରିବ ନାହିଁ ବୋଲି ସରକାରଙ୍କ ନିର୍ଦ୍ଦେଶ ଥିବାରୁ ଏହାକୁ ବନ୍ଦ କରାଯଇଛି। ଷ୍ଟାଫ କ୍ୱାଟର ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତରା, ବ୍ଲକ ଚେୟାରମ୍ୟାନ ସେବତୀ ସନ୍ତା, ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ସଭ୍ୟ ସୋମନାଥ ବିଷୋୟୀ, ସଭ୍ୟ ସୁଶାନ୍ତ କୁମାର ବେହେରା, ସମିତି ସଭ୍ୟା ଏବଂ ମେଡିକାଲ ଅଧିକାରୀ ଡା. ସୁଶ୍ରୀତା ସେଠି, ଡା. ଦିଲୀପ ଦଳାଇ ଏବଂ ସଙ୍ଗୀତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କୋଷାଗୁମୁଡ଼ା ବ୍ଲକ୍‌ରେ କରୋନା ଭୟ

କୋଡିଙ୍ଗା,୨୦।୩(ଡି.ଏନ୍.ଏ.)

■ଅଞ୍ଚଳର ଅନେକ ଯୁବକ ଦାଦନ ଶ୍ରମିକ
■ହୋଲିରେ ଫେରିଛନ୍ତି ଗାଁକୁ, ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପଦକ୍ଷେପ ନାହିଁ

ନବରଙ୍ଗପୁର ଜିଲାର କୋଷାଗୁମୁଡ଼ା ବ୍ଲକ୍‌ରେ ଏବେ କରୋନା ଭୟ। ଏଠାରୁ ଅନେକ ଲୋକ ବାହାର ରାଜ୍ୟରେ ଦାଦନ ଶ୍ରମିକଭାବେ କାମ କରୁଛନ୍ତି। ଅଧିକାଂଶ ଲୋକ ଚାଷ ଉପରେ ନିର୍ଭରଶୀଳ ହୋଇଥିବାରୁ ଧାନ ଅମଳ ପରେ କିଛି କାମ ନଥାଏ। ବ୍ଲକ୍‌ରେ ଜଳସେଚନର ସୁବିଧା ନ ଥିବା ଯୋଗୁ ଏ ସମୟରେ କୃଷି କାର୍ଯ୍ୟ ମଧ୍ୟ ବନ୍ଦ ରହିଥାଏ। ତେଣୁ ଅଧିକ ଉପାର୍ଜନ ପାଇଁ ବ୍ଲକ୍‌ର ଅନେକ ଲୋକ ବିଶେଷକରି ଆଦିବାସୀ ଶ୍ରେଣୀର ଯୁବକମାନେ ଦଲାଲ ମାଧ୍ୟମରେ ହେଉ ଅବା ନିଜେ ଅନ୍ୟ ରାଜ୍ୟକୁ ଚାଲିଯାଇଥାନ୍ତି। ବ୍ଲକ୍‌ରେ ୨୬ ପଞ୍ଚାୟତ ରହିଥିବାବେଳେ ପ୍ରାୟ ସମସ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଯୁବକମାନେ ଅନ୍ୟ ରାଜ୍ୟକୁ ଯାଇଥାନ୍ତି। ଏମାନେ ବିଶେଷକରି କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗନା ରାଜ୍ୟରେ ଗୃହ ନିର୍ମାଣ, ଇଟାଭାଟି ଏବଂ କୃଷି କାର୍ଯ୍ୟରେ ନିୟୋଜିତ ହେଉଥିବା ଜଣାପଡ଼ିଛି। ହେଲେ ଏବେ କରୋନା ସମଗ୍ର ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବାବେଳେ ଭାରତରେ ମଧ୍ୟ ଏହା କାୟା ବିସ୍ତାର କରୁଛି। ଏଭଳି ପରିସ୍ଥିତିରେ ଅନ୍ୟ ରାଜ୍ୟରେ କାମ କରୁଥିବା ଲୋକେ ଯଦି ନିଜ ଗାଁକୁ ଆସନ୍ତି, ସେମାନଙ୍କ ଦ୍ୱାରା ଅଞ୍ଚଳର ଲୋକେ ଭୂତାଣୁ ସଂକ୍ରମିତ ହେବା ନେଇ ଆଶଙ୍କାରେ ରହିଛନ୍ତି। ବିଶେଷକରି କେରଳ, ତାମିଲନାଡୁରୁ ଫେରୁଥିବା ଲୋକେ ଅଧିକ ସଂକ୍ରମିତ ହେବାର ଭୟ ରହିଥିବାବେଳେ ସେମାନଙ୍କ ପ୍ରତି ସରକାର ଦୃଷ୍ଟି ଦେଉ ନ ଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ନବରଙ୍ଗପୁର ଜିଲାରେ ୧୪୪ ଧାରା ଜାରି ହୋଇଥିଲେ ମଧ୍ୟ ଦାଦନ ଶ୍ରମିକଙ୍କୁ ନେଇ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ବିଶେଷକରି ବ୍ଲକ୍‌ର ରାଜୋଡା, ଚୁରଚୁଣ୍ଡା, ହଳଦିପକନା, ବାକଟିଗୁଡ଼ା, ନୁଆଁଗଡ଼ା, ଫାରସାଗୁଡ଼ା, କେରାଣ୍ଡିମାଳ, ଅଲେଖଗୁଡ଼ା, ଲାଣ୍ଡୁଗୁଡ଼ା, ବଦାଗୁଡ଼ା, ଟେମରା, ବଜ୍ରଗଡ଼, ଜବାଗୁଡ଼ା ଗ୍ରାମର ଲୋକେ ଏବେ ମଧ୍ୟ କେରଳ, ତାମିଲନାଡୁରେ କାମ କରୁଥିବା ଜଣାପଡ଼ିଛି। ହୋଲି ପାଇଁ କେତେକ ଲୋକ ଗାଁକୁ ଫେରିଥିବାବେଳେ ସେମାନଙ୍କୁ ଚିହ୍ନଟ କରି ପରୀକ୍ଷା କରିବା ପାଇଁ କୌଣସି ପଦକ୍ଷେପ ନିଆଯିବା ଦେଖିବାକୁ ମିଳୁନି। ତେଣୁ ପ୍ରତ୍ୟେକ ଗ୍ରାମରେ ଦାଦନ ଶ୍ରମିକଙ୍କୁ ଚିହ୍ନଟ କରି ଗାଁକୁ ଫେରିବା ସମୟରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଜରୁରୀ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି ।




# କରୋନା ପାଇଁ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ

କୁନ୍ଦୁରା,୨୦।୩(ଡି.ଏନ୍.ଏ.)



- ବାହାରୁ ଆସୁଥିବା ଦାଦନଙ୍କୁ ନ ଡରାଇବାକୁ ପରାମର୍ଶ
- ଦାଦନ ଖଟିବାକୁ ହଜାର ହଜାର ଶ୍ରମିକ ଯାଇଥିବା ସ୍ୱୀକାର କଲା ପ୍ରଶାସନ

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ କରୋନାକୁ ନେଇ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅଧକ୍ଷ ସୁରେନ୍ଦ୍ର ପରଜାଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବିଡିଓ ସ୍ନେହପ୍ରଭା ମାଝି, ତହସିଲଦାର ଆୟୁବ ମଣ୍ଡଳ, ଏମ୍‌ପି ପ୍ରତିନିଧି ବୃନ୍ଦାବନ ମଲ୍ଲିକ, ବିଧାୟକ ପ୍ରତିନିଧି ସଞ୍ଜୟ ସାହୁ, ଥାନାଧିକାରୀ ସୂର୍ଯ୍ୟପ୍ରକାଶ ନାୟକ, ଜିଲା ପରିଷଦ (ଖ) ଧନିରାମ ବାରିକ ଏଥିରେ ଯୋଗ ଦେଇଥିଲେ। କୁନ୍ଦୁରା ବ୍ଲକର ବାଗଦେରୀ, କେରିମିଟି, ଆସନା, ଗୁଣ୍ଡାଳ, ଲିମା ଓ ଫୁପୁଗାଁ ଭଳି ଅଞ୍ଚଳରୁ ପ୍ରାୟ ୧୫୦୦ ଶ୍ରମିକ ବାହାର ରାଜ୍ୟରେ ରହିଛନ୍ତି। କରୋନା ଭୟରେ ଏଯାବତ୍ ବିଭିନ୍ନ ସ୍ଥାନରୁ ଲୁଚିଛପି ଏଠାରେ ଆସି ପହଞ୍ଚିଥିବା ବେଳେ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ସେମାନଙ୍କର ସ୍ୱତନ୍ତ୍ର ଚିକିତ୍ସା କରୁଛନ୍ତି। କୁନ୍ଦୁରା ବ୍ଲକର କେତେକ ଶ୍ରମିକ କେରଳରୁ ଫେରିଥିବା ବେଳେ ସେମାନଙ୍କ ମଧ୍ୟରୁ ଏଯାବତ୍ ୪୫ ଜଣ ଶ୍ରମିକଙ୍କୁ ସ୍କାନିଂ କରାଯାଇଛି। ସେଥିରୁ ୪୩ ଜଣଙ୍କୁ ଘରକୁ ପଠାଇ ଦିଆଯାଇଛି। ଅନ୍ୟ ୨ ଜଣ ଶ୍ରମିକଙ୍କ ଉପରେ ସନ୍ଦେହ ଥିବାରୁ ସେମାନଙ୍କୁ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦେବାଶିଷ ତ୍ରିପାଠୀ କହିଛନ୍ତି। ବାହାରୁ ଆସୁଥିବା ଶ୍ରମିକଙ୍କୁ ସନ୍ଦେହ କିମ୍ବା ହତାଦର ନ କରି ସେମାନଙ୍କୁ ନିକଟସ୍ଥ ଡାକ୍ତରଙ୍କ ପାଖକୁ ନେଇ ଚିକିତ୍ସା କରାଇବା ପାଇଁ ଅନୁରୋଧ କରାଯାଇଛି। ବ୍ଲକ ଯୋଗାଣ ନିରୀକ୍ଷକ ନରସିଂହ ପଣ୍ଡା କହିଛନ୍ତି ଯେ ଏପ୍ରିଲ, ମେ ଓ ଜୁନ୍‌ରେ ଖାଉଟି ସାମଗ୍ରୀ ବଣ୍ଟନ ପାଇଁ ନିର୍ଦ୍ଦେଶ ଥିବାବେଳେ ଏପ୍ରିଲ ୫ରୁ ସାମଗ୍ରୀ ବଣ୍ଟନ କରାଯିବା ସହ ପ୍ରତିଦିନ ୫୦ ଜଣ ହିତାଧିକାରୀଙ୍କୁ ତାହା ଦିଆଯିବ। ବଡ଼ ପଞ୍ଚାୟତରେ ସକାଳୁ ୫୦ ଜଣ ଓ ଉପରବେଳା ୫୦ ଜଣ ହିତାଧିକାରୀଙ୍କୁ ଚାଉଳ ଦିଆଯିବ। ଚାଉଳ ବଣ୍ଟନ ବେଳେ ଗହଳି ନ କରିବାକୁ ଯୋଗାଣ ସହାୟକଙ୍କୁ ନିର୍ଦ୍ଦେଶ ରହିଛି। ବିଭିନ୍ନ ପଞ୍ଚାୟତରେ ବସୁଥିବା ସାପ୍ତାହିକ ହାଟ ସାମୟିକ ବନ୍ଦ କରିବା ସହ ଜନଗହଳି ନ କରିବାକୁ ସରପଞ୍ଚମାନଙ୍କୁ ତହସିଲଦାର କହିଛନ୍ତି। କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ହରିଶ୍ଚନ୍ଦ୍ର ସାହୁ କରୋନା ସମ୍ପର୍କିତ ସଚେତନ କରାଇଥିଲେ।

# ପ୍ରସିଦ୍ଧ କୋଟପାଡ଼ ଘଟଯାତ୍ରା ବାତିଲ

ଚାନ୍ଦିଲି(କୋଟପାଡ଼), ୨୦।୩(ଡି.ଏନ୍.ଏ.)

କରୋନା ଆତଙ୍କକୁ ଦୃଷ୍ଟିରେ ରଖି ଆସନ୍ତା ୨୯ରୁ ଏପ୍ରିଲ ୮ ଯାଏ ହେବାକୁ ଥିବା କୋଟପାଡ଼ର ପ୍ରସିଦ୍ଧ ଶୀତଳା ଠାକୁରାଣୀଙ୍କ ତ୍ରୟବାର୍ଷିକ ଘଟଯାତ୍ରା ବାତିଲ କରାଯାଇଛି। ଯାତ୍ରା କମିଟିର ସଭାପତି ମଣି ପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ରାମେଶ୍ୱର ଜେନାଙ୍କ ଆହ୍ୱାନ କ୍ରମେ ସନ୍ଧ୍ୟାରେ କୋଟପାଡ଼ ତହସିଲଦାର ତଥା ଦେବୋତ୍ତର ଅଧିକାରୀ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳାଇ, ଥାନା ଅଧିକାରୀ ଉଲ୍ଲାସ ମାଝୀ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକରଞ୍ଜନ ସାମନ୍ତରାୟ, ବିଦ୍ୟୁତ ବିଭାଗ ଯନ୍ତ୍ରୀ କାମିନୀକାନ୍ତ ଚାନ୍ଦ ବୈଠକରେ ଯୋଗ ଦେଇଥିଲେ। କରୋନା ପ୍ରଭାବକୁ ରୋକିବା ପାଇଁ ସରକାରୀ ନିର୍ଦ୍ଦେଶନାମା ଓ ସଚେତନତା ଉପରେ ଅଧିକାରୀମାନେ କହିଥିବା ସହ ସର୍ବସମ୍ମତି କ୍ରମେ ଚଳିତ ଯାତ୍ରା ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଥିଲା। କମିଟି ଉପସଭାପତି ସୁଧୀର ଚନ୍ଦ୍ର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇ ଯାତ୍ରା ବନ୍ଦ ସମ୍ପର୍କରେ ପ୍ରଚାର ପତ୍ର ଓ ମାଇକ ଯୋଗେ ଘୋଷଣା କରି ଜନ ସାଧାରଣଙ୍କୁ ସୂଚେଇ ଦିଆଯିବ ବୋଲି କହିଛନ୍ତି।




# ବନ୍ଦ ରହିବ ହୋଟେଲ, ସେଲୁନ, ପାର୍ଲର

ଚାନ୍ଦିଲି(କୋଟପାଡ଼), ୨୦।୩(ଡି.ଏନ୍.ଏ.)

କରୋନା ସତର୍କତାକୁ ଦୃଷ୍ଟିରେ ରଖି କୋଟପାଡ଼ ଏନଏସି ପକ୍ଷରୁ ସମସ୍ତ ସେଲୁନ ଓ ପାର୍ଲରକୁ ଶୁକ୍ରବାରଠାରୁ ବନ୍ଦ କରାଯାଇଛି। ଶନିବାରଠାରୁ ସମସ୍ତ ହୋଟେଲ, ଜଳଖିଆ ଦୋକାନ ବନ୍ଦ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସହ ଏହାର ବ୍ୟତିକ୍ରମ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକରଞ୍ଜନ ସାମନ୍ତରାୟ। ପୂର୍ବରୁ ସହରର ସିନେମା ହଲ, ପାର୍କ, ଜିମ, ଶପିଂମଲ ବନ୍ଦ କରାଯାଇଥିବା ସହ ବ୍ୟାପକ ସଚେତନତା ଅବଲମ୍ବନ କରାଯାଇଛି। ରବିବାର ପ୍ରଧାନମନ୍ତ୍ରୀଙ୍କ ଜନତା କର୍ଫ୍ୟୁକୁ ସମର୍ଥନ କରି ସକାଳ ୭ରୁ ରାତି ୯ଟା ପର୍ଯ୍ୟନ୍ତ ଘରୁ ନ ବାହାରି କରୋନା ସଚେତନତାରେ ସାମିଲ ହେବାକୁ ସୂଚନା ଦେଇଛନ୍ତି ସାମନ୍ତରାୟ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ରାୟଗଡ଼ା, ଶନିବାର, ୨୧ ମାର୍ଚ୍ଚ, ୨୦୨୦



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେହି ସଂକ୍ଷେପରେ କଥାଟିଏ କହିଦେଇ ପାରେ।
-ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ଘାଟିରେ ଓଲଟିଲା ଅଟୋ,୮ ଆହତ

ଟିକିରି, ୨୦।୩ (ଡି.ଏନ୍.ଏ.): କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ କାଳିଆପଡା ଘାଟିରେ ଏକ ଅଟୋ ଓଲଟି ପଡିବାରୁ ୮ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କୁ ନିକଟସ୍ଥ ଟିକିରି ପିଏଚ୍‌ସିରେ ଭର୍ତ୍ତି କରାଯାଇଥିଲା । ସେମାନେ ହେଲେ ଦୁଃଖୁ କୁମ୍ଭାର, ସାମିଆ ମାଝି, ପୂର୍ଣ୍ଣ ମାଝି, ମାଣିକ କୁମ୍ଭାର, ନାନ୍ଧୁ ମାଝି, ଲାଲୁ ମାଝି ଏବଂ କେ. ଖରା । ସମସ୍ତେ ପଣସପଦର ଓ ବୋରିଗୁମ୍ମା ଅଞ୍ଚଳର । ଅପରାହ୍ନରେ ଶଙ୍କରଡା ପଞ୍ଚାୟତର ପଣସପଦରରୁ ଟିକିରି ଅଭିମୁଖେ ଆସୁଥିବା ଅଟୋଟି ଭାରସାମ୍ୟ ହରାଇ ଘାଟି ରାସ୍ତାରେ ଓଲଟି ପଡିଥିଲା। ଟିକିରି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଟୋକୁ ଜବତ କରି ତଦନ୍ତ ଚଳାଇଛି ।

### ବଜ୍ରପାତରେ ୨ ବଳଦ ମୃତ

ଦୁର୍ଗୀ,୨୦।୩-ବିଷମକଟକ ବ୍ଲକ ଦୁର୍ଗୀ ନିକଟସ୍ଥ ଡୁମୁନେଲି ପଞ୍ଚାୟତ ର ବରୀଗୁଡା ଗ୍ରାମରେ ଶୁକ୍ରବାର ଅଦିନିଆ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା । ଫଳରେ ବଜ୍ରପାତରେ ରାଇଫୁଲ କଲକାଙ୍କ ଦୁଇଟି ବଳଦ ମୃତ୍ୟ ବରଣ କରିଛନ୍ତି । ସେ ନିଜର ବଳଦ ଦ୍ୱାରା ହିଁ ଚାଷ କରି ଗୁଜରାଣ ମେଣ୍ଟଉ ଥିଲେ । ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି ।

### ୨ ବାଲି ବୋଝେଇ ଟ୍ରକ୍‌କୁ ୨ ଲକ୍ଷ ଟଙ୍କା ଜରିମାନା

ଗୁଣପୁର,୨୦।୩(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ବଂଶଧାରା ନଦୀରୁ ଆନ୍ଧ୍ରକୁ ବୁଧବାର ବେଆଇନ ଭାବେ ବାଲି ଚାଲାଣ ହେଉଥିଲା । ସୂଚନା ପାଇ ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ଚଢାଉ କରି ୨ଟି ଟ୍ରକକୁ ଜବତ କରିଥିଲେ । ଜବତ ଗାଡି ମାଲିକ ଶୁକ୍ରବାର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଁଞ୍ଚିବା ପରେ ସେମାନଙ୍କ ନିକଟରୁ ୨ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଜରିମାନା ଟଙ୍କା ପ୍ରଦାନ ପରେ ଟ୍ରକଗୁଡିକ ଛାଡି ଦିଆଯାଇଥିଲା ।

### ଆହତ ଗାଈର ଚିକିତ୍ସା କଲେ ବଜରଙ୍ଗ ଦଳ ସଦସ୍ୟ



ମୁନିଗୁଡା,୨୦।୩(ଡ଼ି.ଏନ.ଏ):ମୁନିଗୁଡା ରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢୁଛି । ଶୁକ୍ରବାର ସକାଳେ ମୁନିଗୁଡା ବସଷ୍ଟାଣ୍ଡ ସମ୍ମୁଖରେ ଅଜଣା ଗାଡ଼ି ଧକ୍କାରେ ଏକ ଗାଈ ଆହତ ହୋଇଥିଲେ। ଗାଈଟି ଗୁରୁତର ଅବସ୍ଥାରେ ରାସ୍ତାରେ ଘୋଷାରି ଘୋଷାରି ଚାଲୁଥିବା ମୁନିଗୁଡା ବଜରଙ୍ଗ ଦଳର ସଦସ୍ୟଙ୍କ ନଜର ପଡ଼ିଥିଲା । ପରେ ଦଳର ସଦସ୍ୟ ଚନ୍ଦନ ସାହୁ, ଜି.ସୁନ୍ଦର ରାଜୁ, ଶିବା ପଟେଲ, ବିବେକ ରାଜପୁରେ, ବସନ୍ତ ସାହୁ ପ୍ରମୁଖ ଗାଈଟିକୁ ଉଦ୍ଧାର କରିଥିଲେ । ଏଥିସହ ମୁନିଗୁଡା ପ୍ରାଣୀ ଚିକିତ୍ସା କର୍ମଚାରୀ ଗୌରୀ ପାତ୍ରଙ୍କ ସହ ଅନ୍ୟ କର୍ମଚାରୀଙ୍କୁ ଘଟଣାସ୍ଥଳକୁ ଡାକି ଗାଈଟିର ଚିକିତ୍ସା କରାଇଥିଲେ । ଚିକିତ୍ସା ପରେ ଗାଈକୁ ତା ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା । ବଜରଙ୍ଗ ଦଳର ଏପରି ମହତ୍ୱ କାର୍ଯ୍ୟକୁ ବିଭିନ୍ନ ମହଲରୁ ସାଧୁବାଦ ଜଣାଯାଇଛି ।

# ଦିନକରେ ହାତ ଧୋଇଲେ ୪ ଲକ୍ଷ ଲୋକ

ରାୟଗଡ଼ା ଅଫିସ,୨୦।୩



ରାୟଗଡ଼ାରେ ଲୋକେ ହାତ ଧୋଇ ସଚେତନ ହେଉଛନ୍ତି ।

- କରୋନା ମୁକାବିଲା ନେଇ ସାମୂହିକ ଅଭିଯାନ
- ୨୬୭୯ ଗ୍ରାମରେ ମହିଳା ନେଲେ ପ୍ରଶିକ୍ଷଣ

କରୋନାକୁ ନେଇ ସାରା ବିଶ୍ୱରେ ଲୋକେ ଭୟଭୀତ । ଏହାକୁ ମୁକାବିଲା କରିବା ଲାଗି ସମସ୍ତେ ତତ୍ପର । ସେଥିଲାଗି ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଜିଲାରେ ସାମୂହିକ ହାତଧୁଆ ଅଭିଯାନ ଆରମ୍ଭ ହୋଇଛି । ଗୋଟିଏ ଦିନରେ ୪ ଲକ୍ଷ ଲୋକ ହାତ ଧୋଇଛନ୍ତି । ଏଥିସହ ଜିଲାର ୨୬୭୯ ଗ୍ରାମରେ ସମସ୍ତ ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯାଇ ସଚେତନତା କରାଯାଇଛି । ପଞ୍ଚାୟତିରାଜ, ସମନ୍ୱିତ ଶିଶୁ ବିକାଶ ଯୋଜନା , ଶିଶୁ ସୁରକ୍ଷା , ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନର ମିଳିତ ଉଦ୍ୟମରେ ଜିଲା ପ୍ରଶାସନ ସମସ୍ତ ଗ୍ରାମରେ ଏହି ହାତ ଧୁଆ ଅଭିଯାନ କରିଛନ୍ତି । କିପରି ଭାବେ ହାତ ଧୋଇବା ଓ ପରିଷ୍କାର ରହିବା ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା । ବିଭିନ୍ନ ସ୍ଥାନରେ ବିଡ଼ିଓ ଓ ତହସିଲଦାର, ଶିଶୁ ବିକାଶ ଅଧିକାରୀ, ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ ସଂଯୋଜକ ଓଡ଼ିଶା ଜିବୀକା ମିଶନର ବ୍ଲକ ପ୍ରକଳ୍ପ ପରିଚାଳକ , ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜାତି ସମାଜର ମୁଖିଆ , ଧାର୍ମିକ ସଂଗଠନଗୁଡ଼ିକର ପ୍ରତିନିଧି, ୱାର୍ଡ଼ମେମ୍ବର ଓ ଜିଲାର ୧୪୦୦୦ ସ୍ୱୟଂ ସହାୟକ ଗୋଷ୍ଠୀର ୧ ଲକ୍ଷ ୫୦ ହଜାର ସଭ୍ୟ ଏଥିରେ ସାମିଲ ହୋଇଥିଲେ। ୧୧ ବ୍ଲକର ୧୮୨ ପଞ୍ଚାୟତର ୧୮୨ ସରପଞ୍ଚ, ୧୮୨ ସମିତି ସଭ୍ୟ ଓ ୨୧୯୮ ୱାର୍ଡ଼ର ସଭ୍ୟଙ୍କ ସମେତ ସମସ୍ତ ଜାନି, ଦିଶାରୀ , ଗାଁ ମୁଖିଆ ଓ ଜାତି ସମାଜର ପ୍ରତିନିଧିମାନେ ନିଜ ଅଞ୍ଚଳକୁ କିପରି ସଫା ରଖିବେ ଓ କରୋନା ନେଇ ସତର୍କ ରହିବେ ସେ ନେଇ ପ୍ରତିକ୍ଷଣ ନେଇଥିଲେ। ପ୍ରତ୍ୟେକ ଗ୍ରାମରେ ପ୍ରତି ୨୦ ଜଣଙ୍କୁ ନେଇ ଗୋଟିଏ ଗୋଟିଏ ଦଳ କରି ପର୍ଯ୍ୟାୟକ୍ରମେ ହାତ ଧୁଆ ଓ ସଫା ରହିବାର ପ୍ରକ୍ରିୟା ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ନେତୃତ୍ୱରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ , ଜିଲା ସମାଜ ମଙ୍ଗଳ ଅଧିକାରୀ ୱାହିଦା ବେଗମ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର , ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଲୋକଙ୍କୁ ସଚେତନ କରାଇଥିଲେ ।

## ଅଦିନିଆ ବର୍ଷାରେ ମୁନିଗୁଡ଼ା ବେହାଲ

ମୁନିଗୁଡା,୨୦।୩(ଡ଼ି.ଏନ.ଏ)

ଦୁଇ ଦିନ ଧରି ଅଦିନିଆ ବର୍ଷାରେ ମୁନିଗୁଡ଼ା ବେହାଲ ହୋଇଯାଇଛି। ଦୁଇ ଦିନ ଯାକ ସକାଳୁ ଭଲ ପାଗ ଦେବା ସହ ମଧ୍ୟାହ୍ନରେ ଘଡଘଡି ସହ ପବନ, ବର୍ଷା ଓ ସାମାନ୍ୟ କୁଆ ପଥର ବର୍ଷିଥିଲା। ବର୍ଷାପାଣି ଠିକ୍ ଭାବେ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଲହଡ଼ି ମାରିଥିଲା । ବର୍ଷା ପରେ ମୁନିଗୁଡାର ନୂଆ ବସ ଷ୍ଟାଣ୍ଡ ସମ୍ମୁଖ, ପାଇକସାହି, ଗୌଡ଼ସାହି, ଥାନା ସମ୍ମୁଖ, କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ସମ୍ମୁଖ ସହ ବିଭିନ୍ନ ସ୍ଥାନରେ ପାଣି ଜମିବା ସହ ଡ୍ରେନେଜ ଗୁଡିକରେ ଏବଂ ମୁଖ୍ୟ ରାସ୍ତାରେ ଥିବା ଡ୍ରେନ ଗୁଡିକରେ ମଇଳା ଆବର୍ଜନା ପଡ଼ି ଅପରିଷ୍କାର ପରିବେଶ ଦେଖାଯାଇଥିଲା । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗିଥିଲେ । ସେହିପରି ରାତିସାରା ମୁନିଗୁଡା ତଥା ଗ୍ରାମାଞ୍ଚଳରେ ବିଦ୍ୟୁତ ସେବା ବ୍ୟାହତ ହୋଇଥିଲା । କିଛି ବର୍ଷ ତଳେ ଜିଭିଆର କନ୍‌ଷ୍ଟ୍ରକ୍ସନ ନାମକ ଏକ କମ୍ପାନୀ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଡ୍ରେନ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ଛାଡି ଦେଇଛନ୍ତି। ଫଳରେ ସହରରେ ଏପରି ଅବସ୍ଥା ଦେଖାଦେଲା । ଏନେଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସେହିପରି ବିଭିନ୍ନ ସାହିରେ ଥିବା ଡ୍ରେନଗୁଡିକ ନିୟମିତ ସଫା କରାଯାଉ ନାହିଁ । ଏ ସଂକ୍ରାନ୍ତରେ ପଞ୍ଚାୟତକୁ ଅଭିଯୋଗ କରିବା ପରେ ମଧ ସଫା କରାଯାଉ ନାହିଁ। ତୁରନ୍ତ ଡ୍ରେନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁନିଗୁଡା ବିକାଶ ପରିଷଦ, ଯୁବ ବିକାଶ ପରିଷଦ, ନାଗରିକ ମଞ୍ଚ, ପ୍ରେସ କ୍ଲବ ସହ ବିଭିନ୍ନ ସାହିରେ ଥିବା ଯୁବକ ସଂଘର ସଦସ୍ୟ ଓ ଗ୍ରାମବାସୀ ଦାବି କରିଛନ୍ତି ।

## ବିଭିନ୍ନ ସ୍ଥାନରେ ହାତଧୁଆ କାର୍ଯ୍ୟକ୍ରମ



ମେରିଙ୍ଗି ଗ୍ରାମରେ ହାତଧୁଆ କାର୍ଯ୍ୟକ୍ରମ ।

ଗୁଣପୁର,୨୦।୩(ଡି.ଏନ.ଏ)

କରୋନା ନେଇ ରାୟଗଡା ଜିଲା ଗୁଣପୁର ଏବଂ ଏହାର ଆଖାପଖ ଅଞ୍ଚଳରେ ହାତ ଧୁଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଗୁଣପୁର ବ୍ଲକ ଘନାନ୍ତ୍ରୀ ପଞ୍ଚାୟତ ମେରିଙ୍ଗି ଗ୍ରାମଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଶାକର୍ମୀ ଏବଂ ଅଙ୍ଗନୱାଡି କର୍ମୀ ଗ୍ରାମର ସମସ୍ତ ଜନସାଧାରଣଙ୍କୁ କରୋନାରୁ କିଭଳି ରକ୍ଷା ପାଇବେ ସେନେଇ ସଚେତନ କରିଥିଲେ। ଏହିକ୍ରମରେ ବାରମ୍ବାର ହାତଧୋଇ ନିଜକୁ ସୁରକ୍ଷା କରିପାରିବେ ବୋଲି ସଚେତନ କରାଯାଇଥିଲା । ଏଥିସହ ୨୨ରେ ଜନତା କର୍ଫ୍ୟୁ ନେଇ ମଧ୍ୟ ଆଲୋଚନା କରାଯାଇଥିଲା । ସେହିଭଳି କଲ୍ୟାଣସିଂହପୁର ବ୍ଲକ ମିନାଝୋଲା ଗ୍ରାମଠାରେ ମଧ୍ୟ ହାତଧୁଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମିନାଝୋଲା ସ୍କୁଲର ପ୍ରଧାନ ଶିକ୍ଷକ କୃଷ୍ଣପ୍ରସାଦ ମିଶ୍ର ଉପସ୍ଥିତ ରହି ଲୋକମାନଙ୍କୁ ନିୟମିତ ଭାବେ ହାତ ଧୋଇ କରୋନାରୁ ନିଜକୁ ରକ୍ଷା କରିହେବ ବୋଲି ସଚେତନ କରିଥିଲେ । ଏଥିସହ ପରିବେଶ ସଫା ରଖିବା ପାଇଁ ମଧ୍ୟ ଆହ୍ୱାନ କରିଥିଲେ ।

## ଭୟ ନ କରି ସତର୍କ ରୁହ

ରାୟଗଡ଼ା ଅଫିସ,୨୦।୩



ଜେ.କେ. କାଗଜକଳ ପରିସରକୁ ସଫେଇ କରାଯାଉଛି ।

କରୋନା ମୁକାବିଲା ନିମନ୍ତେ ଜେକେ କାଗଜ କଳରେ ପ୍ରତିଷେଧକମୂଳକ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। କମ୍ପାନୀ ପକ୍ଷରୁ କର୍ମଚାରୀଙ୍କୁ କରୋନା ନେଇ ସଚେତନ କରାଯାଉଛି । କମ୍ପାନୀକୁ ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ଓ କର୍ମଚାରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି । କମ୍ପାନୀ ଭିତରେ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉଛି । ସାନିଟାଇଜରର ବ୍ୟବସ୍ଥା କରାଯାଇ ପ୍ରତ୍ୟକ କର୍ମଚାରୀ ହାତ ଧୋଇବା ଲାଗି କୁହାଯାଇଛି । ଏଥିସହ ପ୍ରତ୍ୟେକ ଯନ୍ତ୍ରାଂଶ ଓ ହ୍ୟାଣ୍ଡଲଗୁଡ଼ିକୁ ନିୟମିତ ଭାବେ ସୌଧ କରାଯାଉଛି। ସେହିପରି କମ୍ପାନୀ ପକ୍ଷରୁ ଆଖ ପାଖ ଗ୍ରାମାଞ୍ଚଳରେ କରୋନା ନେଇ ସଚେତନତା କରାଯାଉଛି । ଇ ମେଲ, ହୋର୍ଡ଼ିଂ, ପ୍ରଚାର ଆଦି ମାଧ୍ୟମରେ ସଚେତନତା କରାଯାଉଛି । କୁଇକ ରେସପନ୍ସ ଟିମ ଗଠନ କରାଯିବା ସହ ଆଇସୋଲେଶନ ୱାର୍ଡ଼ ଗଠନ କରାଯାଇଛି । ପ୍ରତ୍ୟେକ ଦିନ ଏହି ଟିମ କରୋନା ମୁକାବିଲା ନେଇ ଅଫିସ ଓ କମ୍ପାନୀ ପରିଚାଳକ, ମେଡ଼ିକାଲ ଅଫିସର , ଜନ ମଙ୍ଗଳ ଅଧିକାରୀ , ସୁରକ୍ଷା ଅଧିକାରୀ , ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ , ସିଏସଆରକୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ କରାଯାଉଛି । କରୋନାକୁ ଭୟ ନ କରି ସତର୍କ ରହିବାକୁ ଜେକେ କାଗଜ କଳର କାର୍ଯ୍ୟକାରୀ ଉପ ସଭାପତି ବିନୟ ଦ୍ୱିବେଦୀ ଆହ୍ୱାନ କରିଛନ୍ତି ।

## ମିଥ୍ୟା ପ୍ରଚାର କରି ଯୁବକ ଗିରଫ

ମୋହନା,୨୦।୩(ଡି.ଏନ.ଏ)

କରୋନାର ମିଥ୍ୟା ପ୍ରଚାର ଅଭିଯୋଗରେ ମୋହନା ପୋଲିସ ମାମଲା ନଂ.୨୨/୨୦ ଅନୁଯାୟୀ ଜଣେ ଯୁବକଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ମୋହନା ଥାନା ମଳାସପଦର ଗ୍ରାମର ସୂର୍ଯ୍ୟ ପ୍ରଧାନ। ସୂର୍ଯ୍ୟ ଏକ ଫେସବୁକ୍ ଆକାଉଣ୍ଟ ଖୋଲି ବେତାରସିଂର ଜନୈକ ବ୍ୟକ୍ତିଙ୍କ ନାଁରେ କରୋନା ସଂକ୍ରମିତ ହୋଇଥିବା ପ୍ରଚାର କରି ଗ୍ରାମରେ ଆତଙ୍କ ସୃଷ୍ଟି କରିଥିଲେ। ଏହା ଜାଣି ତହସିଲଦାର ସଂଘମିତ୍ରା ଦେବୀ ଓ ଆଇଆଇସି ସୁଜିତ କୁମାର ନାୟକ ତଦନ୍ତ କରି ଏହା ମିଥ୍ୟା ପ୍ରମାଣିତ କରି ପ୍ରଧାନଙ୍କୁ ଗିରଫ କରାଯାଇଛି ।

## ଭୁଶୁଡ଼ିଲା କାନ୍ଥ, ଭଙ୍ଗାଘରେ ପରିବାର

ଖଜୁରିପଡ଼ା,(ଡି.ଏନ.ଏ.)/ବଲସକୁମ୍ପା,୨୦।୩

ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ ସୁନ୍ଦରଗଡ଼ ଗ୍ରାମର ଅନିରୁଦ୍ଧ ଦିଗାଲଙ୍କ ଘର ଗତ ୧୬ରେ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି । ଫଳରେ ତାଙ୍କ ପରିବାର ଏବେ ବାସହରା ହୋଇଛନ୍ତି। ସ୍ତ୍ରୀ ଯୁବତୀ ଦିଗାଲ ଓ ଝିଅ ଆରତୀଙ୍କ ସହ ଅନିରୁଦ୍ଧ ଏବେ ଭଙ୍ଗା ଘରେ ଜୀବନ ବିତାଉଛନ୍ତି। କୌଣସି ସରକାରୀ କର୍ମଚାରୀ ଆମ ସ୍ଥିତି ଦେଖିବାକୁ ଆସିନାହାନ୍ତି ବୋଲି ସେ କହିଛନ୍ତି।

ସରକାରୀ ଯୋଜନାରେ ଘର ଖଣ୍ଡେ ଅନିରୁଦ୍ଧ ବହୁ ଆଗରୁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଜଣାଇଥିଲେ। ମାଟି କାନ୍ଥ କୌଣସି ସମୟରେ ଭାଙ୍ଗି ଯାଇପାରେବୋଲି ଜଣାଇଥିଲେ ମଧ କେହି ଶୁଣି ନାହାନ୍ତି । ତେଣୁ ଅଦିନିଆ ବର୍ଷା ପବନରେ କାନ୍ଥ ଭିଜିଯାଇ ଅଚାନକ ଭୁଶୁଡ଼ିପଡ଼ିଛି। ଏ ନେଇ ସେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଜଣାଇଥିଲେ। ହେଲେ କେହି ଆସିନାହାନ୍ତି ବୋଲି କୋହଭରା କଣ୍ଠରେ ଅନିରୁଦ୍ଧ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଅସହାୟ ଗରିବ ପରିବାରକୁ ଘର ଖଣ୍ଡେ ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ସରକାରଙ୍କୁ ଅନୁରୋଧ କରିଛନ୍ତି ।

## ଦ୍ୱିତୀୟ ବିଗ୍ରହ ପ୍ରତିଷ୍ଠାକୁ ବିରୋଧ

- ସମୂହ ଇସ୍ତଫା ଦେଲେ ମନ୍ଦିର ପରିଚାଳନା ସମନ୍ୱୟ ସମିତିର କର୍ମକର୍ତ୍ତା

ମୁନିଗୁଡ଼ା,୨୦।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ସଦରସ୍ଥିତ ଗୀତା ଭବନରେ ଦ୍ୱିତୀୟ କୃଷ୍ଣ ମୂର୍ତ୍ତି ସ୍ଥାପନାକୁ ନେଇ ବିବାଦ ଉପୁଜିଛି । ଏହାର ରକ୍ଷଣାବେକ୍ଷଣ କରୁଥିବା ପରିଚାଳନା ସମନ୍ୱୟ ସମିତିର କର୍ମକର୍ତ୍ତାମାନେ ଦ୍ୱିତୀୟ ବିଗ୍ରହ ପ୍ରତିଷ୍ଠାକୁ ବିରୋଧ କରି ସମୂହ ଇସ୍ତଫା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ୭ ବର୍ଷ ତଳେ ମୁନିଗୁଡ଼ା ଅଞ୍ଚଳର ଭଗବତ ପ୍ରେମୀଙ୍କୁ ନେଇ ମନ୍ଦିରଗୁଡ଼ିକର ସୁପରିଚାଳନା ପାଇଁ ମନ୍ଦିର ପରିଚାଳନା ସମନ୍ୱୟ ସମିତି ଗଠନ କରାଯାଇଥିଲା । ମନ୍ଦିର ବେଢ଼ା ପରିସରରେ ଗ୍ରାମଦେବୀ, ଶ୍ରୀରାଧାକୃଷ୍ଣ, ଶ୍ରୀଜଗନ୍ନାଥ, ଗାୟତ୍ରୀ, ଗଣେଶ, ସତ୍ୟସାଇ, ହନୁମାନ, ମହିମା ଅଲେଖ ଆଦି ମନ୍ଦିର ସହ ଗୀତା ଭବନ ରହିଛି । ଏଥବରୁ ଗ୍ରାମଦେବୀ ଓ ଶ୍ରୀରାଧାକୃଷ୍ଣ ମନ୍ଦିର ସର୍ବପ୍ରାଚୀନ । ସମନ୍ୱୟ ସମିତି ଗଠନ ପରେ ଏହାର କର୍ମକର୍ତ୍ତା ରଥଯାତ୍ରା ପାଳନ ସହ ଅନ୍ୟାନ୍ୟ ମନ୍ଦିରର ରକ୍ଷଣାବେକ୍ଷଣ ତଥା ପର୍ବ-ପର୍ବାଣି ପାଳନରେ ସହାୟତା ଦେଇଆସୁଥିଲେ । କିନ୍ତୁ ଏବେ ଗୀତା ଭବନରେ ଦ୍ୱିତୀୟ କୃଷ୍ଣ ମୂର୍ତ୍ତି ସ୍ଥାପନାକୁ ନେଇ ବିବାଦ ସୃଷ୍ଟି ହୋଇଛି । ଶ୍ରୀରାଧାକୃଷ୍ଣ ପୁରୁଣା ମନ୍ଦିରରେ ଯୁଗଳ ମୂର୍ତ୍ତି ପୂଜା ପାଇ ଆସୁଥିବା ବେଳେ ସମନ୍ୱୟ ସମିତିର ବିନା ଅନୁମତିରେ କୃଷ୍ଣ ମୂର୍ତ୍ତି ସ୍ଥାପନାକୁ ବିରୋଧ କରି କର୍ମକର୍ତ୍ତାମାନେ ସମିତିର ସଭାପତିଙ୍କୁ ଗତ ୧୮ ତାରିଖ ସମୂହ ଇସ୍ତଫାପତ୍ର ଦେଇଛନ୍ତି। ସମିତିର ସଭାପତି ଯୁ. ରାଜେନ୍ଦ୍ର ପାତ୍ର କହିଛନ୍ତି, କମିଟିର ସଦସ୍ୟମାନଙ୍କ ଇସ୍ତଫା ରଥଯାତ୍ରା ସୁପରିଚାଳନାକୁ ପ୍ରଭାବିତ କରିବା ଆଶଙ୍କା ରହିଛି। ସ୍ଥାନୀୟ ନେତୃବୃନ୍ଦ ଏ ଦିଗରେ ଶୃଙ୍ଖଳା ରକ୍ଷା କରିବାକୁ ଆଗେଇ ଆସିବା ଜରୁରୀ ହୋଇପଡ଼ିଛି। ଉଲ୍ଲେଖଯୋଗ୍ୟ, ଗୀତା ଭବନ ପକ୍ଷରୁ ଆସନ୍ତା ୨୬ରେ ବିଗ୍ରହ ପ୍ରତିଷ୍ଠା ଓ ରୋଷଗୃହ ନିର୍ମାଣ ପାଇଁ ଦିନ ଧାର୍ଯ୍ୟ କରାଯାଇଛି ।

## ୭ ରୁ ଊର୍ଦ୍ଧ୍ୱ ଏକତ୍ରିତ ହେବେ ନାହିଁ : ଜିଲାପାଳ

ରାୟଗଡ଼ା ଅଫିସ ,୨୦।୩



ବସ୍‌ଷ୍ଟାଣ୍ଡରେ ଜିଲାପାଳ ସଚେତନ କରୁଛନ୍ତି ।

କରୋନା ନିମନ୍ତେ ଗୋଟିଏ ସ୍ଥାନରେ ୭ରୁ ଊର୍ଦ୍ଧ୍ୱ ଲୋକ ଏକତ୍ରିତ ହୋଇ ପାରିବେ ନାହିଁ । ଏନେଇ ଜିଲାପାଳ ପ୍ରମୋଦ କୁମାର ବେହେରା ନିର୍ଦ୍ଦେଶନାମା ଜାରି କରିଛନ୍ତି । ସମସ୍ତ ରେଷ୍ଟୁରାଣ୍ଟ, ବାର, କଫି ଶପ, କ୍ୟାଣ୍ଟିନ୍ ଆଦି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ । ହୋଟେଲଗୁଡ଼ିକରେ ରହିବା ସମୟରେ ଅତି କମରେ ୨ ମିଟର ବ୍ୟବଧାନ ରଖିବା ପାଇଁ କୁହାଯାଇଛି। ଗେଷ୍ଟ ହାଉସ ଓ ହୋଟେଲରେ ଥିବା ଅତିଥିମାନଙ୍କୁ ଖାଲି କରିବାକୁ କୁହାଯାଇଛି । ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପରିବହନ ବ୍ୟବସ୍ଥା ଟ୍ୟାକ୍ସି ଓ ଅଟୋ ଗୁଡ଼ିକ ସମାନ ଭାବରେ ପାଳି କରି ବନ୍ଦ ରଖିବାକୁ ଜଣାଇ ଦିଆଯାଇଛି। ସମସ୍ତ ଖାଦ୍ୟ ଓ ଔଷଧ ଦୋକାନ ଖୋଲା ରଖାଯିବ । ସେଲୁନ , ସ୍ପା ଆଦି ବନ୍ଦ କରାଯିବ । ଶୁକ୍ରବାର ଜିଲାପାଳ ସ୍ଥାନୀୟ ବସଷ୍ଟାଣ୍ଡ ଯାଇ ଲୋକଙ୍କୁ ସଚେତନ କରିଥିଲେ । ପାରିପାର୍ଶ୍ୱିକ ପରିସ୍ଥିତି ଅନୁଧ୍ୟାନ କରିଥିଲେ । ଏହାସହ ବସରେ ସାନିଟାଇଜର ବ୍ୟବହାର ଏବଂ କ୍ଷମତା ଠାରୁ ଅଧିକ ଯାତ୍ରୀ ନ ନେବାକୁ କହିଥିଲେ। ବସକୁ ଦିନରେ ୨ ଥର ଧୋଇବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି ।

## ଘରକୁ ଗଲେ ୫ ମାସ ହଷ୍ଟେଲ୍ ଫେରିବେନି ପିଲା

ଗୁଣପୁର,୨୦।୩(ଡି.ଏନ.ଏ)



ବ୍ଲକ ସମ୍ମିଳନୀ କକ୍ଷରେ କରୋନା ମୁକାବିଲା ନେଇଆଲୋଚନା କରାଯାଉଛି ।

- କରୋନା ପାଇଁ ବ୍ଲକ ପ୍ରଶାସନର ପ୍ରସ୍ତୁତି
- ନିଜ ଗ୍ରାମରେ ହିତାଧିକାରୀଙ୍କୁ ମିଳିବ ଭତ୍ତା
- ୬୦ରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ଘରେ ରହିବାକୁ ପରାମର୍ଶ
- ପାଳି କରି ହଷ୍ଟେଲ ଦାୟିତ୍ୱରେ ରହିବେ ଶିକ୍ଷକ

ବିଭିନ୍ନ ଅଞ୍ଚଳରେ ଥିବା ହଷ୍ଟେଲରେ ସମସ୍ତ ପିଲା ସୁରକ୍ଷିତ ଅଛନ୍ତି । ଏହାର ପରିଚାଳନା ପାଇଁ ପାଳି କରି ଶିକ୍ଷକ ନିଯୁକ୍ତି ଦିଆଯାଇଛି। ଏହାସତ୍ତ୍ୱେ ଯଦି କୌଣସି ଅଭିଭାବକ ପିଲାଙ୍କୁ ଘରକୁ ନିଅନ୍ତି, ତେବେ ଉକ୍ତ ପିଲାଙ୍କୁ ୫ ମାସ ପର୍ଯ୍ୟନ୍ତ ହଷ୍ଟେଲରେ ଭର୍ତ୍ତି କରାଯିବ ନାହିଁ । ଶୁକ୍ରବାର ରାୟଗଡା ଜିଲା ଗୁଣପୁର ବ୍ଲକ ସମ୍ମିଳନୀ କକ୍ଷରେ କରୋନା ନେଇ ଆୟୋଜିତ ବୈଠକରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଏ.ଶ୍ରୀନିବାସ ଆଚାରି ଏହା ପ୍ରକାଶ କରିଛନ୍ତି । ବିଡିଓ ଶାନ୍ତିପ୍ରଭା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପାଧ୍ୟକ୍ଷ ଏସୋ ଶବର, ଜିଲା ପରିଷଦ ସଭ୍ୟା ଅଶ୍ୱିନୀ ଗମାଙ୍ଗ, ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀ ଶବର, ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ହିମାଂଶୁ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। କରୋନା ଏକ ସଂକ୍ରାମକ ରୋଗ ହୋଇଥିବାରୁ ଏହାର ପ୍ରତିଷେଧକ ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା । ଏହାକୁ ଭୟ ନ କରି ସତର୍କ ରହିବା ଉପରେ କୁହାଯାଇଥିଲା। ହିତାଧିକାରୀଙ୍କୁ ୪ ମାସ ପାଇଁ ଏକ କାଳୀନ ଭତ୍ତା ପ୍ରଦାନ କରାଯିବ। ଜନ ସମାବେଶକୁ ଦୃଷ୍ଟିରେ ରଖି ଏହି ଭତ୍ତା ରାଶିକୁ ହିତାଧିକାରୀମାନଙ୍କୁ ସେମାନଙ୍କ ନିଜ ଗ୍ରାମରେ ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଛି। ସେହିପରି ହିତାଧିକାରୀଙ୍କୁ ତିନି ମାସ ପାଇଁ ରାଶନ ସାମଗ୍ରୀ ଯୋଗାଇ ଦିଆଯିବ । ବିଦେଶରୁ ନିଜ ଅଞ୍ଚଳକୁ ଆସୁଥିବା ଲୋକମାନେ ସେମାନଙ୍କ ନାମ ପଞ୍ଜୀକରଣ କରିବା ଲାଗି କୁହାଯାଇଛି । ୬୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବୟସ୍କ ବ୍ୟକ୍ତି ଯଥା ସମ୍ଭବ ଘରେ ରହିବା ନିମନ୍ତେ ପରାମର୍ଶ ଦିଆଯାଇଛି । ୩ରୁ ୬ ବର୍ଷର ଶିଶୁମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଜଳଖିଆ ଏବଂ ଗରମ ରନ୍ଧାଖାଦ୍ୟ ପାଇଁ ସମସ୍ତ ସାମଗ୍ରୀ ଅଙ୍ଗନୱାଡି କର୍ମୀ ଏବଂ ସହାୟିକାମାନେ ପ୍ରତ୍ୟେକଙ୍କ ଘରେ ପ୍ରଦାନ କରିବେ । ପ୍ରତି ଗ୍ରାମ ପଞ୍ଚାୟତରେ ୫୦ରୁ ୧୦୦ ଜଣ ରହିବାଭଳି ସୁରକ୍ଷିତ ଘର ରଖିବା ଆଦି ବିଷୟରେ ଆଲୋଚନା ହୋଇଥିଲା। ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଗୋପାଳ ପଟ୍ଟନାୟକ ସ୍ୱାସ୍ଥ୍ୟ ସମ୍ବନ୍ଧିୟ ବିଭିନ୍ନ ପଦକ୍ଷେପ ନେଇ ସୂଚନା ଦେଇଥିଲେ । ବୈଠକରେ ପଞ୍ଚାୟତ ନିର୍ବାହି ଅଧିକାରୀମାନେ ହିତାଧିକାରିଙ୍କ ନିମନ୍ତେ ଟଙ୍କା ବଣ୍ଟନ ପାଇଁ ନେବାକୁ ହେଲେ ସୁରକ୍ଷା ଯୋଗାଇ ଦିଆଯିବାକୁ ଦାବି କରିଥିଲେ । ଜିପିଇଓ ପତିତପାବନ ବିଶୋୟୀ, ସମାଜ ମଙ୍ଗଳ ଅଧିକାରୀ ସୁରେନ୍ଦ୍ର ଗମାଙ୍ଗଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ ।

## ସଂକ୍ଷେପରେ

### କରୋନା ନିରାକରଣ ପାଇଁ ସଚେତନତା

**ସେମିଳିଗୁଡ଼ା,୨୦।୩(ସ୍ୱ.ପ୍ର.):** ସେମିଳିଗୁଡ଼ା ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷା ବାସନ୍ତୀ ଛେଦନାୟକଙ୍କ ଅଧକ୍ଷତାରେ କରୋନା ଭୁତାଣୁରୁ ରକ୍ଷା ପାଇବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସବ୍ୟସାଚୀ ବେହେରା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦେବେନ୍ଦ୍ର ମିଶାଙ୍କ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳର ଜନସାଧାରଣ କିଭଳି ଏହି ଭୁତାଣୁ ସଂକ୍ରମଣରୁ ନିଜକୁ ରକ୍ଷା କରିପାରିବେ, ସେ ଉପରେ ସଚେତନ କରାଯାଇଥିଲା। ଅଯଥା ଜନଗହଳି ନ କରିବା, ହାତକୁ ବାରମ୍ବାର ଧୋଇବା, ଲୋକଙ୍କଠାରୁ ଦୂରତା ରକ୍ଷା କରିବା, କାଶିବା, ଛିଙ୍କିବା ବେଳେ ଟିସୁ ପେପର, ରୁମାଲ ବ୍ୟବହାର କରିବା, କରୋନା ଭୁତାଣୁ ସଂକ୍ରମଣ ଶିକାର ହୋଇଥିବା ରୋଗୀଙ୍କଠାରୁ ନିଜକୁ ଦୂରେଇ ରଖିବା ଭଳି ବିଭିନ୍ନ ସଚେତନତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା।

### କରୋନା ମୁକାବିଲା ପାଇଁ ସ୍ୱତନ୍ତ୍ର ସମିତି ବୈଠକ



**ଲକ୍ଷ୍ମୀପୁର,୨୦।୩(ଡି.ଏନ୍.ଏ.)-** ଲକ୍ଷ୍ମୀପୁର ବ୍ଲକ ସଭାଗୃହରେ କରୋନା ମୁକାବିଲା ପାଇଁ ସ୍ୱତନ୍ତ୍ର ସମିତି ବୈଠକ କରାଯାଇଛି। ବିଡିଓ ପ୍ରଶନ୍ନ କୁମାର ଷଡ଼ଙ୍ଗୀଙ୍କ ଆହ୍ୱାନକ୍ରମେ ପଞ୍ଚାୟତ ସମିତି ଅଧକ୍ଷା ସୁଆଇ କୁଲେସିକାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏମ୍‌ପି ପ୍ରତିନିଧି ମୁଣ୍ଟି ଖରା, ବିଧାୟକ ପ୍ରତିନିଧି ପାରଦା କୁଲେସିକା, ସିଡିପିଓ କନକଲତା ନାୟକ, ଜିଲା ପରିଷଦ ସଭ୍ୟ ପ୍ରେମଚନ୍ଦ୍ର ଡଙ୍ଗ୍ରୀ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। କରୋନାକୁ ନେଇ ଲୋକଙ୍କୁ ସଚେତନ କରାଇବା ଜରୁରୀ ବୋଲି ଅତିଥିମାନେ କହିଥିଲେ। ଦାଦନ ଫେରନ୍ତା ଶ୍ରମିକଙ୍କ ଉପରେ ନଜର ରଖିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଉପସ୍ଥିତ ସମସ୍ତେ ଏକ ମିଟର ବ୍ୟବଧାନରେ ବସିବାକୁ ପିଏଚ୍‌ଇଓ ଗୀତାଞ୍ଜଳି ଦାଶ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଏସ୍‌ଏସ୍‌ଓ କାର୍ତ୍ତିକ ପାଢ଼ୀ ପରିଚାଳନା କରିଥିଲେ।

### ସଚେତନ କଲେ ବଣିକ ସଂଘ, ବିଜେଡି କର୍ମୀ



**ସୁନାବେଡା, ୨୦।୩** ସେମିଳିଗୁଡା ଶିବଶକ୍ତି ବଣିକ ସଂଘ ଓ ବିଜେଡି କର୍ମୀମାନେ କରୋନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିଛନ୍ତି। ସେମାନେ ସୁନାବେଡା, ସେମିଳିଗୁଡା ଅଞ୍ଚଳରେ ଥିବା ଦୋକାନ, ବଜାରରେ ବୁଲି ବ୍ୟବସାୟୀ ଏବଂ ସାଧାରଣ ଲୋକଙ୍କୁ କରୋନାରୁ କିଭଳି ବର୍ତ୍ତି ହେବ ସେ ନେଇ ସଚେତନ କରିଥିଲେ। ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କଲେ ଏଥିରୁ ବର୍ତ୍ତିହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପୌରପରିଷଦ ଅଧକ୍ଷା ଶୁଭଶ୍ରୀ ମଲ୍ଲିକ, ଉପନଗରପାଳ ରତ୍ନାକର ନନ୍ଦ, ଶିବଶକ୍ତି ବଣିକ ସଂଘ ସଭାପତି ରାଜେନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ଅମିତ ଅଗ୍ରୱାଲ, ଉପସଭାପତି ଭରତ ମଲ୍ଲିକ, ରବୀନ୍ଦ୍ର କୁମାର ପ୍ରଧାନଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

### ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଦିଗପହଣ୍ଡି,୨୦।୩(ଡି.ଏନ.ଏ.)-ଦିଗପହଣ୍ଡି ଅଞ୍ଚଳ କଲୋନୀ କେନାଲ ସାହିରେ ରହୁଥିବା ସ୍ୱାଗତ ପଣ୍ଡାଙ୍କ ଘର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ସୁନା, ରୁପା ଅଳଙ୍କାର, ୪୦ ହଜାର ଟଙ୍କା ଓ ଅନ୍ୟ ସମାଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ପଣ୍ଡାଙ୍କ ଏତଲା କ୍ରମେ ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀ ନଂ.୬୨/୨୦ରେ ମାମଲା ରୁଜୁ କରି ତଦନ୍ତ କରି ଫେରିଥିବା ଜଣାପଡ଼ିଛି । ପ୍ରକାଶ ଯେ, ସ୍ୱାଗତ ଗତ ୪ ଦିନ ହେଲା ଘରେ ତାଲା ପକାଇ ବ୍ରହ୍ମପୁର ସମ୍ପର୍କୀୟଙ୍କ ଘରେ ରହୁଥିଲେ। ଏହାର ସୁଯୋଗ ନେଇ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଲୁଟ କରିଥିଲେ ।

# 'ନିର୍ଭୟା ଭଳି କୁନ୍ଦୁଲି ପୀଡ଼ିତାଙ୍କ ଅଭିଯୁକ୍ତଙ୍କୁ ଦଣ୍ଡ ମିଳୁ'

## ଦାବି କଲେ କୁନ୍ଦୁଲି ପୀଡ଼ିତାଙ୍କ ଖୁଡ଼ୀ

**ଜୟପୁର,୨୦।୩(ନି.ପ୍ର.)**

ନିର୍ଭୟା ମାମଲାରେ ୪ ଅଭିଯୁକ୍ତଙ୍କୁ ଫାଶୀ ଦିଆଯିବା ପରେ ଏହାର ବିଚାର କରିଥିବା ବିଚାରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି କୁନ୍ଦୁଲି ପୀଡ଼ିତାଙ୍କ ସମ୍ପର୍କୀୟ। ପୀଡ଼ିତାଙ୍କ ଖୁଡ଼ୀ କହିଛନ୍ତି, ନିର୍ଭୟାଙ୍କ ଆତ୍ମାକୁ ଏବେ ଶାନ୍ତି ମିଳିଲା, ସେଥିରେ ସେ ଖୁସି। କିନ୍ତୁ ୩ ବର୍ଷ ବିତିବା ପରେ ମଧ୍ୟ ତାଙ୍କ ଝିଆରୀଙ୍କୁ ଗଣବଳାତ୍କାର କରିଥିବା ଅଭିଯୁକ୍ତ ଏଯାବତ୍ ଧରାପଡ଼ିନାହାନ୍ତି। ଆଜି ସମସ୍ତଙ୍କ ଖୁସି ଦେଖିବା ବେଳକୁ ସେମାନଙ୍କ ନିଜ କଥା ଭାବି ଦୁଃଖ ଲାଗୁଛି। ରାଜ୍ୟ ସରକାରଙ୍କ ପାଖରୁ ଆଶା ନାହିଁ, କେନ୍ଦ୍ର ସରକାର ଚାହିଁଲେ ନ୍ୟାୟ ଦେଇପାରିବେ ବୋଲି ସେ କହିଛନ୍ତି। ନିର୍ଭୟାଙ୍କ ମା'-ବାପାଙ୍କୁ ଯେପରି ଶାନ୍ତି ମିଳିଲା, କୁନ୍ଦୁଲି ପୀଡ଼ିତାଙ୍କ ଅଭିଯୁକ୍ତଙ୍କୁ ଧରି ଦଣ୍ଡ ଦେଇଥିଲେ ପୀଡ଼ିତାର ଆତ୍ମାକୁ ମଧ୍ୟ ଶାନ୍ତି ମିଳନ୍ତା। ସେମାନେ ଗରିବ ଲୋକ ବୋଲି ସେମାନଙ୍କୁ ନ୍ୟାୟ ମିଳିପାରୁ ନାହିଁ। ତଦନ୍ତରେ କିଛି ସୁଫଳ ମିଳୁନାହିଁ। ରାଜ୍ୟ ସରକାର ଗୁରୁତ୍ୱ ଦେଉ ନ ଥିବାରୁ ଏଯାବତ୍ ଅଭିଯୁକ୍ତ ଚିହ୍ନଟ ହୋଇପାରୁ ନାହାନ୍ତି। ପୂର୍ବରୁ କହୁଥିଲୁ, ଏବେ ମଧ୍ୟ ସିବିଆଇ ଦାବି କରୁଛି ବୋଲି ପୀଡ଼ିତାଙ୍କ ଖୁଡ଼ୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୭ ଅକ୍ଟୋବର ୧୦ରେ ୪ ଜଣ ଦୁର୍ବୃତ୍ତ ଯବାନ ପୋଷାକରେ କୁନ୍ଦୁଲିରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଘଟଣାର ୩ ମାସ ପରେ ୨୦୧୮ ଜାନୁଆରୀ ୨୨ରେ ପୀଡ଼ିତା ନିଜ ଘରେ ଆତ୍ମହତ୍ୟା କରିବା ଘଟଣାକୁ ଆହୁରି ତେଜିଥିଲା। ନଭେମ୍ବର ୮ରେ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ରାଜ୍ୟ ସରକାର ପୁଣି ୨୦୧୮ ଫେବୃଆରୀ ୮ରେ ଏସ୍‌ଆଇଟି ତଦନ୍ତ ପାଇଁ କହିଥିଲେ।

# ମନ୍ଦିରରେ ଭକ୍ତଙ୍କ ପ୍ରବେଶ, ଶୁକ୍ରବାର ନମାଜ ବନ୍ଦ

**ଜୟପୁର,୨୦।୩(ଡି.ଏନ୍.ଏ.)**




ନମାଜ ବନ୍ଦ କରାଯାଇ ବ୍ୟାନର ମାଧ୍ୟମରେ ସଚେତନ କରାଯାଉଛି ।

କରୋନା ସଂକ୍ରମଣ ଆଶଙ୍କାରେ ଶୁକ୍ରବାର କୋରାପୁଟ ଜିଲାର ସମସ୍ତ ଧାର୍ମିକ ସ୍ଥଳରେ ଶ୍ରଦ୍ଧାଳୁଙ୍କ ପ୍ରବେଶ ଉପରେ ଅଙ୍କୁଶ ଲଗାଯାଇଛି। ପୂର୍ବାହ୍ନରେ ପୂଜକ ଓ ସେବାୟତମାନେ ମନ୍ଦିରର ନୀତିକାନ୍ତି କରିବା ପରେ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ବନ୍ଦ ରହିଛି। ବିଭିନ୍ନ ମନ୍ଦିରରେ ପ୍ରସାଦ ବିକ୍ରି ବନ୍ଦ କରାଯାଇଛି। ସହରର ଜଗନ୍ନାଥ, ଭଗବତୀ, ବଲ୍ଲଭ ନାରାୟଣ, ଦକ୍ଷିଣକାଳୀ, ନୀଳକଣ୍ଠ, ରଘୁନାଥ, ପଞ୍ଚାନନ, ବିଭିନ୍ନ ଶିବ ଓ ରାଧାକୃଷ୍ଣ ମନ୍ଦିର ସମେତ ଘରୋଇ ମନ୍ଦିର ଶ୍ରଦ୍ଧାଳୁଙ୍କ ପାଇଁ ବନ୍ଦ ରହିଛି। ସେହିପରି ଶୁକ୍ରବାର ମୁସଲିମ ସଂପ୍ରଦାୟ ପକ୍ଷରୁ ମଧ୍ୟାହ୍ନରେ ସାମୂହିକ ନମାଜ ପାଠ ଦିବସ ଥିଲେ ସୁଦ୍ଧା ପ୍ରଶାସନର ନିର୍ଦ୍ଦେଶକୁ ପାଳନ କରାଯାଇଛି । ସୁନ୍ନି ମୁସଲିମ ଅଞ୍ଜୁମନ କମିଟି ପକ୍ଷରୁ କେବିଏସ୍‌ଡି ରୋଡଠାରେ ଜାମା ମସଜିଦ ଓ ନାଗର୍ଛି ସାହିରେ ମଦିନା ମସଜିଦରେ ସାମୂହିକ ନମାଜ ପାଠ ବନ୍ଦ ରହିଛି। ମସଜିଦ୍ ବାହାରେ ନୋଟିସ ଓ ବ୍ୟାନର ମାଧ୍ୟମରେ ସଚେତନ କରାଯାଉଛି। କେତେକ ମୁସଲମାନ ଦୈନିକ ୫ ଥର ୧୦ରୁ ୧୨ଜଣ ନମାଜିଙ୍କୁ ପ୍ରବେଶ କରାଯାଇ ନମାଜ ପାଠ କରିବା ଦାବି କରିଥିଲେ। କିନ୍ତୁ ପ୍ରଶାସନ ନିର୍ଦ୍ଦେଶ ପାଳିବା ପାଇଁ କେବଳ ମୌଲାନା (ପୂଜକ) ନମାଜ ପାଠ କରିବେ। ଅନ୍ୟମାନେ ନିଜ ଘରେ ନମାଜ ପଢ଼ିବାକୁ କମିଟିର ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହା କାୟମ ରହିବ।

## ଜୟପୁରରେ କୁଆପଥର ବର୍ଷା

**ଜୟପୁର,୨୦।୩(ନି.ପ୍ର.)**

ଜୟପୁରରେ ଶୁକ୍ରବାର କୁଆପଥର ବର୍ଷା ହୋଇଛି । ଅପରାହ୍ନ ୩ଟାରୁ ସାଢ଼େ ୪ଟା ଯାଏ ଘଡ଼ଘଡ଼ି ସହ କୁଆପଥର ବର୍ଷା ହୋଇଥିଲା । ଏହାପରେ ଶୀତୁଆ ପବନ ବହିଥିଲା । ବର୍ଷା ପବନକୁ ଦୃଷ୍ଟିରେ ରଖି ବିଦ୍ୟୁତ ବିଭାଗ ସରବରାହ ବନ୍ଦ ରଖିଥିଲା । ଦୀର୍ଘ ୧ ଘଣ୍ଟା ଧରି ବର୍ଷା, ପବନ ସହ କୁଆପଥର ମାଡ଼ ହୋଇଥିଲା ।

## ଅଙ୍ଗନୱାଡି କେନ୍ଦ୍ରରେ ବଣ୍ଟାଗଲା ଶୁଖିଲା ଖାଦ୍ୟ

**ସେମିଳିଗୁଡ଼ା,୨୦।୩(ସ୍ୱ.ପ୍ର.)**

ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନଙ୍କ ନିର୍ଦ୍ଦେଶରେ ଶିଶୁ ଏବଂ ଗର୍ଭବତୀ ମହିଳାଙ୍କୁ ରନ୍ଧାଖାଦ୍ୟ ବଦଳରେ ଶୁଖିଲା ଖାଦ୍ୟ ବଣ୍ଟନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସାରା ବିଶ୍ୱ କରୋନା ଭୁତାଣୁ ସଂକ୍ରମଣ ଆଶଙ୍କାରେ ଭୟଭୀତ ରହିଥିବା ବେଳେ ଏହାକୁ ଆଖି ଆଗରେ ରଖି ରାଜ୍ୟ ସରକାର ଓ ଜିଲା ପ୍ରଶାସନର ନିର୍ଦ୍ଦେଶରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଆସିବା ବାରଣ କରାଯିବା ହେତୁ ରନ୍ଧାଖାଦ୍ୟ ବନ୍ଦ ରଖି ଶୁଖିଲା ଖାଦ୍ୟ ଦେବା ପାଇଁ କୁହାଯାଇଛି। ସରକାରଙ୍କ ଆଗାମୀ ନିର୍ଦ୍ଦେଶ ଯାଏ ଶୁଖିଲା ଖାଦ୍ୟ ବଣ୍ଟାଯିବ ବୋଲି ଅଙ୍ଗନୱାଡ଼ି କର୍ମୀମାନେ କହିଛନ୍ତି।

## ଅଦିନିଆ ବର୍ଷାରେ ଫସଲ ନଷ୍ଟ

**କନିଷି,୨୦।୩(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ ଅଞ୍ଚଳରେ ଗୁରୁବାର ଅପରାହ୍ନରେ ହୋଇଥିବା ଅଦିନିଆ ବର୍ଷା ପବନରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଗୋଳନ୍ଥରା, ରଣ୍ଡା, ଚିକରଡ଼ା, ପଞ୍ଚମା, ଶାସନପଦର ଆଦି ଗ୍ରାମରେ କୁଆପଥର ସହ ବର୍ଷା ହେବା ଯୋଗୁ ମୁଗ, ରାଶି, ଟମାଟୋ, ବାଇଗଣ, ଭେଣ୍ଡି, ଅଳଡ଼ି ଫସଲ କ୍ଷତି ହୋଇଛି। ଚାଷୀମାନେ ଧାର କରଜ କରି ଫସଲ କରିଛନ୍ତି।

# ପାନୀୟ ଜଳ ଯୋଗାଣ ନେଇ ବିଡିଓଙ୍କୁ ଦାବିପତ୍ର

**ଦଶମନ୍ତପୁର, ୨୦।୩ (ଡି.ଏନ୍.ଏ.)**



ଦାବିପତ୍ର ଦେବାକୁ ଆସିଥିବା ବଡ଼ଗୁଡ଼ା ଗ୍ରାମବାସୀ।

ପାନୀୟ ଜଳ ସମସ୍ୟା ସମାଧାନ ଦାବିରେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତ ବଡ଼ଗୁଡା ଗ୍ରାମବାସୀ ବିଡିଓ ଡମ୍ବରୁଧର ମଲ୍ଲିକଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି। ଏଥିସହ ବିଧାୟକ ପ୍ରଭୁ ଜାନୀଙ୍କୁ ମଧ୍ୟ ମୌଖିକ ଭାବେ ନିଜ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏସ୍.ଏ.କରେସିଙ୍କୁ ଡାକି ବଡ଼ଗୁଡା ଯାଇ ପାଣି ସମସ୍ୟା ଦୂର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବଡ଼ଗୁଡା ଗାଁରେ ୪୫୦ରୁ ଅଧିକ ଲୋକେ ବସବାସ କରୁଛନ୍ତି। ସେମାନଙ୍କ ପାଇଁ ପଞ୍ଚାୟତ ପକ୍ଷରୁ ୨ଟି ନଳକୂଅ ଯୋଗାଇ ଦିଆଯାଇଛି। ହେଲେ ସେଥିରୁ ଭଲଭାବେ ପାଣି ବାହାରୁ ନଥିବାର ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା ଦେବ ଭୋଇ, ମେରୀ ନାୟକ, ସୁନାମ ଭୋଇ, କୃଷ୍ଣ ନାୟକ, ଦିପାଇ ଭୋଇ କହିଛନ୍ତି। ନଳକୂଅରେ ଭଲଭାବେ ପାଣି ବାହାରୁ ନ ଥିବାରୁ ମହିଳାମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ପୁଣି ବେଳେ ବେଳେ ହାଣ୍ଡିଏ ପାଣି ପାଇଁ ଗଣ୍ଡଗୋଳ ମଧ୍ୟ ହେଉଛି। ତେଣୁ ବାଧହୋଇ ଗାଁ ନିକଟସ୍ଥ ବିଲରୁ ପାଣି ସଂଗ୍ରହ କରି ଲୋକେ ଶୋଷ ମେଣ୍ଟାଉଛନ୍ତି। ଏହି ବିଲ ପାଣିକୁ ଗାଇ, ମଇଁଷି, ଘୁଷୁରୀ ମଧ୍ୟ ବ୍ୟବହାର କରୁଛନ୍ତି। ଫଳରେ ବିଭିନ୍ନ ସମୟରେ ଜ୍ୱର, କାଶ, କାଛୁ, କୁଣ୍ଡିଆ ଭଳି ସଂକ୍ରମଣ ରୋଗ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟରେ ଗୁହାରି କରି ଆସୁଥିଲେ ସୁଦ୍ଧା କିଛି ସୁଫଳ ମିଳନି। ତେଣୁ ବାଧ ହୋଇ ଦାବିପତ୍ର ଦେଇଛୁ ବୋଲି ଗ୍ରାମବାସୀ କହିଛନ୍ତି। ପାଇପ୍ ପାଣି ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ଖୁବ୍‌ଶୀଘ୍ର ଗ୍ରାମବାସୀଙ୍କ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ କକରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ବସ୍‌ରେ ଛିଡା ହୋଇଯାଉଛନ୍ତି ଯାତ୍ରୀ ।

# ବସ୍ ଓଭରଲୋଡିଂ ଉପରେ ନାହିଁ କଟକଣା

**ଜୟପୁର,୨୦।୩(ନି.ପ୍ର.)**

କରୋନା ଭାଇରସକୁ ଯଥାସମ୍ଭବ ରୋକିବାକୁ ସରକାରୀ ଓ ଘରୋଇ ବସ୍ ଉପରେ କଟକଣା ଜାରି କରାଯାଇଛି । ସିଟ୍ ସଂଖ୍ୟାଠାରୁ ଅଧିକ ଯାତ୍ରୀ ନ ନେବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ନିୟମ ଉଲ୍ଲଂଘନ ହେଲେ ବସ୍ କର୍ମଚାରୀ ଓ ବସ୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ନିୟମ ରହିଛି। ପୋଲିସ ଓ ପରିବହନ ବିଭାଗର ଅଧିକାରୀମାନେ ଏନେଇ ଯାଞ୍ଚ କରିବାକୁ ଦାୟିତ୍ୱ ଦିଆଯାଇଛି। ତେବେ କୋରାପୁଟ ଜିଲା ଘରୋଇ ବସ୍‌ରେ ଏହି କଟକଣା ପାଳନ ହେଉ ନ ଥିବା ଦେଖିବାକୁ ମିଳୁଛି। ବିଭାଗୀୟ ଅଧିକାରୀ ଓଭଲଲୋଡିଂ ପ୍ରତି ଗୁରୁତ୍ୱ ଦେଉ ନ ଥିବାବେଳେ ବସ୍ କର୍ମଚାରୀ କଟକଣାକୁ ହେୟ ଜ୍ଞାନ ମନେ କରୁଛନ୍ତି। ଫଳରେ ଯାତ୍ରୀଙ୍କ ମନରେ ସଂକ୍ରମଣ ଭୟ ରହୁଛି । ବିଭାଗୀୟ ଅଧିକାରୀ କର୍ମଚାରୀ ବାହାର ରାଜ୍ୟର ଯାତ୍ରୀ ପର୍ଯ୍ୟଟକଙ୍କୁ ଚିହ୍ନଟ କରିବାରେ ବ୍ୟସ୍ତ ରହୁଥିବା ବେଳେ ଓଭରଲୋଡିଂକୁ ଅଣଦେଖା କରାଯାଉଛି। ବସ୍‌ରେ କରୋନା ସମ୍ପର୍କିତ ଗାଇଡଲାଇନ ମଧ୍ୟ ପାଳନ କରାଯାଉ ନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହୋଇଛି।

# ବ୍ଲକ ଅଧକ୍ଷ ଦାୟିତ୍ୱ ନେଲେ ବାସନ୍ତୀ



ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ନୂଆ ବ୍ଲକ ଅଧକ୍ଷା ଦାୟିତ୍ୱ ନେଉଛନ୍ତି ।

**ସେମିଳିଗୁଡ଼ା,୨୦।୩(ସ୍ୱ.ପ୍ର.)**

ସେମିଳିଗୁଡ଼ା ବ୍ଲକ ଅଧକ୍ଷ ପଦ କିଛି ଦିନ ପାଇଁ ଖାଲି ପଡ଼ିଥିବା ବେଳେ ଶୁକ୍ରବାର ବାସନ୍ତୀ ଛେଦନାୟକ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ବ୍ଲକ ଅଧକ୍ଷ ଭାବେ ଦୀନେଶ ଖରା ରହିଥିବା ବେଳ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିବା ପରେ ଭୋଟିଂ ହୋଇଥିଲା, ଯାହାର ଫଳାଫଳ ଉପାଧକ୍ଷଙ୍କ ସପକ୍ଷରେ ଆସିଥିଲା। ସେହି କ୍ରମରେ ଶୁକ୍ରବାର ବାସନ୍ତୀ ଛେଦନାୟକ ଅଧକ୍ଷ ଭାବେ ସମସ୍ତ ସରପଞ୍ଚ ଓ ୱାର୍ଡମେମ୍ବରଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ବ୍ଲକର ଉନ୍ନତି ସହ ସମସ୍ତ ପଞ୍ଚାୟତ ଓ ଗ୍ରାମରେ ଉନ୍ନତିମୂଳକ କାର୍ଯ୍ୟ ଉପରେ ସେ ଗୁରୁତ୍ୱ ଦେବେ ବୋଲି ସେ କହିଥିଲେ।

# ଭାଲୁ କାମୁଡ଼ାରେ ଜଣେ ଗୁରୁତର

**ଦଶମନ୍ତପୁର, ୨୦।୩(ଡି.ଏନ୍.ଏ.)**



ଈଶ୍ୱରଙ୍କ ଚିକିତ୍ସା ଚାଲିଛି।

ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତ ମରିଚମାଳ ଗାଁର ଜଣେ ବ୍ୟକ୍ତି ଭାଲୁ କାମୁଡାରେ ଗୁରୁତର ହୋଇଛନ୍ତି। ସେ ହେଲେ ଈଶ୍ୱର କମାର ( ୪୫ )। ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ ଚିକିତ୍ସା ଚାଲିଛି।

ସୂଚନା ଅନୁଯାୟୀ, ଈଶ୍ୱର ଶୌଚ ହେବାକୁ ଯାଇଥିବା ବେଳେ ଜଙ୍ଗଲ ଆଡୁ ନିଜ ଛୁଆ ସହ ଆସୁଥିବା ମାଇ ଭାଲୁଟି ତାଙ୍କୁ ଆକ୍ରମଣ କରିଥିଲା। ଭାଲୁଟି ଡାହାଣ ଗୋଡ ଓ ଅଣ୍ଟାକୁ କାମୁଡିଥିଲା। ଈଶ୍ୱରଙ୍କ ପାଟି ଶୁଣି ଗାଁ ଲୋକେ ଘଟଣସ୍ଥଳରେ ପହଞ୍ଚି ଭାଲୁ ଦୁଇଟିକୁ ଘଉଡାଇଥିଲେ। ସ୍ତ୍ରୀ ସବିତା, ବଡ଼ ଭାଇ ଦଳପତ ଏବଂ ଭାଉଜ ରାଧିକା ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ବିଫଳ ହେବା ପରେ ଏକଅଟୋ ସାହାଯ୍ୟରେ ଈଶ୍ୱରଙ୍କୁ ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଈଶ୍ୱରଙ୍କ ପ୍ରାଥମିକ ଚିକିତ୍ସା କରାଯାଇଛି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅବିନାଶ ବାରିକ କହିଛନ୍ତି।

# ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନୂତନ ଆମ୍ବୁଲାନ୍ସ



ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ ଆମ୍ବୁଲାନ୍ସର ଉଦ୍‌ଘାଟନ କରୁଛନ୍ତି।

**ଦଶମନ୍ତପୁର, ୨୦।୩( ଡି.ଏନ୍.ଏ.)**

ଦଶମନ୍ତପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶୁକ୍ରବାର ନୂତନ ଆମ୍ବୁଲାନ୍ସ ମିଳିଛି। ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ୧୦୮ ଆମ୍ବୁଲାନ୍ସର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଧାୟକ ପ୍ରତିନିଧି ତଥା ବ୍ଲକ ଉପାଧକ୍ଷ ନାରାୟଣ ବିଶୋଇ, ବେଣୁଧର ପାତ୍ର, ବିଜେଡି କାର୍ଯ୍ୟକାରୀ ସଭାପତି ରଘୁପତି ବିଶୋଇ, ସମ୍ପାଦକ ସୁରେଶ ସୁବୁଦ୍ଧି, ପ୍ରକାଶ ବାଘ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ଦଳାଇ ଓ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଅବିନାଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଓ ବିଜେଡ଼ି ନେତା ଯୋଗ ଦେଇଥିଲେ। ପ୍ରକାଶ ଯେ, ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ପୁରୁଣା ଓ ଠିକ୍ ଭାବେ ଚାଲୁ ନ ଥିବା ଆମ୍ବୁଲାନ୍ସ ଥିଲା। ଫଳରେ ରୋଗୀ ସେବାରେ ବାଧା ସୃଷ୍ଟି ହେଉଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଜଣେ ରୋଗୀଙ୍କୁ ପରିବାର ଲୋକେ ବୋଲେରୋରେ ନେଇ ଯାଉଥିବା ବେଳେ ତାଙ୍କ ମୃତ୍ୟୁ ହୋଇଥିଲା ଓ ଗାଡି ଚାଳକ ମୃତଦେହକୁ ରାସ୍ତାରେ ଓହ୍ଲାଇ ଦେଇ ଚାଲିଯାଇଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ୧୦୮ ଆମ୍ବୁଲାନ୍ସ ସେବାର କ୍ଲଷ୍ଟର ଲିଡ଼ର ମଧୁସୂଦନ ଦଳପତି ମାର୍ଚ୍ଚ ସୁଦ୍ଧା ଗୋଟିଏ ନୂତନ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କ୍ରମରେ ଶୁକ୍ରବାର ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି।

# ସରକାରୀ ନିୟମରେ ଫସିଛି ଆବାସ ସ୍ୱପ୍ନ

**ପଟ୍ଟାଙ୍ଗୀ, ୨୦।୩(ଡି.ଏନ୍.ଏ.)**



ଜରାଜୀର୍ଣ୍ଣ ଘର ଆଗରେ ବୃଦ୍ଧ ଦମ୍ପତି।

ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ଘରଟିଏ ଯୋଗାଇଦେବାକୁ ସରକାର ଯୋଜନା କରିଛନ୍ତି। କିନ୍ତୁ ସରକାରଙ୍କ ଏପରି କିଛି ନିୟମାବଳୀ ରହିଛି, ଯାହା ହିତାଧିକାରୀଙ୍କୁ ସୁବିଧା ଉପଲବ୍ଧ କରାଇବା ଦିଗରେ ଜିଲା ଓ ବ୍ଲକ ପ୍ରଶାସନର ହାତ ବାନ୍ଧି ଦେଉଛି। ଏଭଳି କ୍ଷେତ୍ରରେ ଆବାସ ଘର ପାଇବା ଲୋକଙ୍କ ପାଇଁ ସ୍ୱପ୍ନ ହୋଇପଡୁଛି। କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ନୂଆଗାଁ ପଞ୍ଚାୟତ ବୋଡାପାଡୁ ଗାଁ କଲୋନୀ ସାହିର ଜାନୀ ଲାଛୁଙ୍କ କ୍ଷେତ୍ରରେ ଏଭଳି ଦେଖିବାକୁ ମିଳିଛି।

ଦୃଷ୍ଟିହୀନ ସ୍ତ୍ରୀ ମିରିଙ୍କୁ ନେଇ ଜାନି ଲାଛୁଙ୍କ ପରିବାର। ସରକାରଙ୍କ ପକ୍ଷରୁ ଚାଉଳ କାର୍ଡଟିଏ ମିଳିଛି। ଉଭୟଙ୍କୁ ୫ଶହ ଟଙ୍କା ଲେଖାଏଁ ବାର୍ଦ୍ଧକ୍ୟ ଭତ୍ତା ମଧ୍ୟ ମିଳୁଛି। କାର୍ଡରୁ ମିଳୁଥିବା ଚାଉଳକୁ ବିକି ସେହି ଟଙ୍କା ଓ ଭତ୍ତାରେ ଦମ୍ପତି ଚଳିଥାନ୍ତି। ଜାନି ଲାଛୁଙ୍କ ସ୍ତ୍ରୀ ଦୃଷ୍ଟିହୀନ ହୋଇଥିବାରୁ ସେ ରୋଷେଇ କରିପାରୁ ନାହାନ୍ତି। ଗାଁ ଲୋକେ ହାତ ଟେକି ଯାହା ଦିଅନ୍ତି ତାହାକୁ ଖାଇ ସେମାନେ ରହୁଛନ୍ତି। ସେମାନେ ରହୁଥିବା ଘରଟି ଜରାଜୀର୍ଣ୍ଣ। କେତେବେଳେ ତାହା ଭୁଶୁଡି ପଡିବ କହିହେବ ନାହିଁ। ଏସିସି ତାଲିକାଭୁକ୍ତ ହୋଇ ନ ଥିବାରୁ ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ଆବେଦନ କଲେ ମଧ୍ୟ ତାହା ମିଳିପାରୁନି ବୋଲି ନାଏବ ସରପଞ୍ଚ ଗେମେଲ କମୁଲୁ କହିଛନ୍ତି। ସରକାରଙ୍କ ଏସିସି ତାଲିକା ଅନୁଯାୟୀ ଜାନି ଲାଛୁ ଆବାସ ଘର ପାଇବାକୁ ଯୋଗ୍ୟ ନୁହନ୍ତି। ମିରିଙ୍କ ଆଖିର ଅସ୍ତ୍ରୋପଚାର ପାଇଁ ସ୍ୱାସ୍ଥ୍ୟବିଭାଗ ପଦକ୍ଷେପ ନେଇଥିଲା। କିନ୍ତୁ ତାଙ୍କର ବୟସ ଅଧିକ ହୋଇଥିବାରୁ ଅସ୍ତ୍ରୋପଚାର ହୋଇପାରିବ ନାହିଁ ବୋଲି ଡାକ୍ତର ମନା କରିଛନ୍ତି। ଏବେ କିଛି ଦିନ ହେବ ସେ ଚଲାବୁଲା କରିପାରୁ ନ ଥିବାରୁ ପଞ୍ଚାୟତ ପକ୍ଷରୁ ଚାଉଳ ତାଙ୍କ ଘରେ ଆଣି ଦିଆଯାଉଛି ବୋଲି ନାଏବ ସରପଞ୍ଚ କହିଛନ୍ତି। ଏ ନେଇ ସ୍ଥାନୀୟ ବିଡିଓ ମୋନାଲିସା ଦେବତାଙ୍କୁ ଯୋଗାଯୋଗ କରିବାରୁ ଯେ କହିଛନ୍ତି, ଉକ୍ତ ଦମ୍ପତିଙ୍କ ସମ୍ପର୍କରେ ସେ ଅବଗତ ଅଛନ୍ତି। ୩୦ ବର୍ଷ ତଳେ ସେମାନଙ୍କୁ ଇନ୍ଦିରା ଆବାସ ଯୋଜନାରେ ଘର ମିଳିଥିଲା। ସରକାରୀ ନିୟମ ମୁତାବକ ସେମାନେ ଏବେ ଘର ପାଇବାକୁ ଯୋଗ୍ୟ ନୁହଁନ୍ତି। ଏ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜିଲାପାଳଙ୍କଠାରୁ ନିର୍ଦ୍ଦେଶ ଆସିଲେ ତାଙ୍କୁ ଅତିଶୀଘ୍ର ଘର ଯୋଗାଇ ଦିଆଯିବ।